୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.81 Bhubaneswar Saturday May 04 2024 ୨୬ତମ ବର୍ଷ ସଂଖ୍ୟା–୮୧ ଭୁବନେଶ୍ୱର, ଶନିବାର, ମଇ ୦୪, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ସୁଜାତାଙ୍କୁ ଅର୍ଥ ବିଭାଗକୁ ବଦଳି, ମିଶନଶକ୍ତି ବିଭାଗ ଦାୟିତ୍ୱରେ ଶାଳିନୀ ପଣ୍ଡିତ

ଭୁବନେଶ୍ୱର,୩।୫(ପି.ଏନ): ସରକାରୀ କଳ ଓ କ୍ଷମତାର ଦୁରୁପଯୋଗ କରି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ବିଜେଡି ସପକ୍ଷରେ ଭୋଟ୍ ଦେବା ପାଇଁ ଚାପ ପକାଇବା ଆଇଏଏସ୍ ସୁଜାତା ଆର କାର୍ତ୍ତିକେୟନଙ୍କୁ ମହଙ୍ଗା ପଡିଛି । ନିର୍ବାଚନ କମିଶନଙ୍କ କଡା ଆଭିମୁଖ୍ୟ ଓ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଆଜି ବିଜେଡିର ନମ୍ବର-ଟୁ ଭିକେ ପାଣ୍ଡିଆନଙ୍କ ପତ୍ନୀ ଆଇଏଏସ୍ ସୁଜାତା କାର୍ତ୍ତିକେୟନଙ୍କୁ ବଦଳି କରିଛନ୍ତି । ୨୦୦୦ ବ୍ୟାଚ୍ ଆଇଏଏସ୍ ସୁଜାତା ଆର କାର୍ତ୍ତିକେୟନଙ୍କୁ ମିଶନ ଶକ୍ତି ସଚିବ ପଦରୁ ହଟାଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ



କରାଯାଇଛି । ସୁଜାତା ନିଜର ପଦ ଓ କ୍ଷମତାର ଦୁରୁପଯୋଗ କରି ବିଜେଡିର ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ବିଜେପି ଗତକାଲି ଅଭିଯୋଗ କରିଥିଲା । ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୦୦ ବ୍ୟାଚ୍ ଆଇଏଏସ୍ ତଥା ମିଶନ ଶକ୍ତି ବିଭାଗର ସଚିବ ତଥା କମିଶନର ସୁଜାତା କାର୍ତ୍ତିକେୟନଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ତଥା କମିଶନର ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ଶ୍ରୀମତୀ ପଣ୍ଡିତ ମଧ୍ୟ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱ ତୁଲାଇବେ ।

## କମିବ ଗ୍ରୀଷ୍ମ ପ୍ରକୋପ, ଆରମ୍ଭ ହେବ କାଳବୈଶାଖୀ

ଭୁବନେଶ୍ୱର,୩।୫(ପି.ଏନ): ଗ୍ରୀଷ୍ମ ପ୍ରକୋପରୁ ମିଳିବ ଆଶ୍ୱସ୍ତି । ଉପକୂଳ ଓଡିଶାରେ ତାପମାତ୍ରାରେ ସାମାନ୍ୟ ହ୍ରାସ ହୋଇ ଦୁଇ ଡିଗ୍ରି କମିବ । ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ଗ୍ରୀଷ୍ମର ପ୍ରଭାବ ଜାରି ରହିବ । ଏହା ୬ ତାରିଖ ବେଳକୁ ୩-୪ ଡିଗ୍ରି ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି । ଏହି ପ୍ରଭାବରୁ ତାତିରେ ସାମାନ୍ୟ ବ୍ରେକ୍ ଲାଗିବ । ୨ ସପ୍ତାହରୁ ଅଧିକ ଗ୍ରୀଷ୍ମର ପ୍ରଭାବରୁ କଲବଲ ହେଉଥିବା ରାଜ୍ୟବସୀଙ୍କୁ ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ ।ପାଣିପାଗ କେନ୍ଦ୍ର ବୈଜ୍ଞାନିକ ଉମାଶଙ୍କର ଦାସ କହିଛନ୍ତି , ଦକ୍ଷିଣରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଉପକୂଳ ଓଡିଶା ଓ ପାଖାପାଖି ଅଞ୍ଚଳରେ କ୍ରମାଗତ ଭାବରେ ପ୍ରବେଶ କରୁଛି । ଏହି ପ୍ରଭାବ ହେତୁ ଗତକାଲି ରାଜ୍ୟରେ ଅଧିକାଂଶ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଛି । ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୪୯ ମିମି ବର୍ଷା ରେକର୍ଡ କରାଯାଇଛି । କେତେକ ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇଛି ।ଆଗାମୀ ୩ରୁ୪ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାନାହିଁ । ଦୁଇଦିନ ପରେ ଉପକୂଳରେ ଗ୍ରୀଷ୍ମ ପ୍ରଭାବର ଆଉ ସମ୍ଭାବନା ନାହିଁ । ଆଭ୍ୟନ୍ତରୀଣ ଓଡିଶାରେ କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଲାଗି ରହିପାରେ । ଏହାର ପ୍ରଭାବ ୬ ତାରିଖ ବେଳକୁ କମିବ । ଏହାପରଠାରୁ ଦିନର ତାପମାତ୍ରା ଆହୁରି ୩-୪ ଡିଗ୍ରି ଖସିପାରେ କାରଣ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ଓଡିଶାରେ ପ୍ରବେଶ କରିବା ଦ୍ୱାରା କାଳବୈଶାଖୀ ଜନିତ ବର୍ଷା ହୋଇ ତାପମାତ୍ରା କମିବାର ସମ୍ଭାବନା ରହିଛି । ସେପଟେ ଆଜି ଭୁବନେଶ୍ୱରରେ ତାପମାତ୍ରା ୪୦ ଡିଗ୍ରି ତଳକୁ ଖସିଛି । ବଲାଙ୍ଗିର ୪୫, ଅନୁଗୁଳ ୪୪.୭, ନୂଆପଡା ୪୪.୬, ତାଳଚେର ୪୪.୫, ବାରିପଦା ୪୩.୪, ଭବାନୀପାଟଣା ୪୩ ଡିଗ୍ରି ରହିଥିବା ବେଳେ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ବଲାଙ୍ଗିର ରହିଛି ।

## ବୀରମହାରାଜପୁରରେ ପ୍ରାର୍ଥିପତ୍ର ଦାଖଲ ପରେ ବିଶାଳ ରାଲି ସହ ଶକ୍ତି ପ୍ରଦର୍ଶନ କଲେ ବିଜେପି ପ୍ରାର୍ଥୀ ରଘୁନାଥ

ବୀରମହାରାଜପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚଳିତ ନିର୍ବାଚନରେ ଭାରତୀୟ ଜନତା ଦଳ (ବିଜେପି) ପ୍ରାର୍ଥୀ ରଘୁନାଥ ଜଗଦଲା ଶୁକ୍ରବାର ବିଶାଳ ରାଲି ସହ ଶକ୍ତି ପ୍ରଦର୍ଶନ କରିଛନ୍ତି। ଶ୍ରୀ ଜଗଦଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରରୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ଥିଲେ। ଏହି ଶୋଭାଯାତ୍ରାରେ ୧୦ ହଜାରରୁ ଅଧିକ ନେତା, କର୍ମୀ ସାମିଲ ହୋଇ ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। ସେଠାରେ ଉପଜିଲ୍ଲାପାଳ ଲଲାଟେନ୍ଦୁ ସିଂଙ୍କୁ ସେ ୩ ସେଟ୍ ? ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆସନ୍ତା ୨୦ ତାରିଖରେ ହେବାକୁ ଥିବା ମତଦାନରେ ବିଜେପିର ଦଳୀୟ ପ୍ରାର୍ଥୀ ତଥା ନିଜ ସପକ୍ଷରେ



ଭୋଟ୍ ? ଦେବା ପାଇଁ ଆହ୍ୱାନ କରିଥିଲେ। ଆଜିର ରାଲିରେ ରଘୁନାଥ ଜଗଦଲାଙ୍କ ସହିତ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ଅଶୋକ କୁମାର ପୃଷ୍ଟି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ବୀଜୟ ମହାକୁଡ଼, ଜିଲ୍ଲା ସଙ୍ଗଠନ ମହାମନ୍ତ୍ରୀ ବେଣୁଧର ଦାସ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲ୍ଲା ଓବିସି ସେଲର୍ ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ରାଧାକାନ୍ତ ମହକୁମା, ଜିଲ୍ଲା ଉପସଭାନେତ୍ରୀ ନଳିନୀ ପଣ୍ଡାଙ୍କ ସମେତ ତିନି ବ୍ଲକର ନେତା କର୍ମୀ ସାମିଲ ହୋଇଥିଲେ। ପ୍ରାୟ ୪୨ ଡିଗ୍ରି ତାପମାତ୍ରାରେ କର୍ମୀମାନେ ଉତ୍ସାହିତ ଦେଖାଯାଉଥିଲେ।

## ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ

ଭୁବନେଶ୍ୱର,୩।୫(ପି.ଏନ): ଭିତରକନିକା ଜାତୀୟ ଉଦ୍ୟାନର ପ୍ରବାହିତ ନଦୀରେ ବାସବସ କରୁଥିବା ବଉଳା କୁମ୍ଭୀରମାନଙ୍କର ପ୍ରଜନନ ଋତୁ ପାଖେଇ ଆସିଲାଣି । ଏହାକୁ ଆଖି ଆଗରେ ରଖି ରାଜନଗର ବନ ବିଭାଗ ପକ୍ଷରୁ ଚଳିତମାସ ୧ ତାରିଖଠାରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ ମାସ ଧରି ଜାତୀୟ ଉଦ୍ୟାନ ଭିତରକନିକା ବନ୍ଦ ରହିବ । ଏହି ସମୟ ଭିତରେ ରାଜ୍ୟ ତଥା ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଭ୍ରମଣ ଲାଗି ପ୍ରବେଶ ବନ୍ଦ ରହିବ ।ଏହା ପ୍ରଜନନ ଋତୁ ସମୟ ହୋଇଥିବାରୁ ପୁରୁଷ ଓ ମାଆ କୁମ୍ଭୀର ମିଳନ ପର୍ବରେ ନିମଗ୍ନ ରହିଥାନ୍ତି । ଏହି ସମୟରେ ଭିତରେ ମାଆ କୁମ୍ଭୀର ଅଣ୍ଡାଦାନ ପକ୍ରିୟା ଶେଷ କରିଥାଏ । ଉଭୟ ମାଆ ଏବଂ ପୁରୁଷ କୁମ୍ଭୀର ହେନ୍ତାଳ ଓ ଖରଖରି ପତ୍ରରେ ୩ ଫୁଟ ଉଚ୍ଚରେ ବସା ବାନ୍ଧିଥାଆନ୍ତି ।ସେମାନେ ସାଧାରଣତଃ ନଦୀ କୂଳଠାରୁ କୁଆର ଆସି ପାରୁନଥିବା ନିରାପଦ ସ୍ଥାନରେ ବସା ତିଆରି କରିଥାନ୍ତି । ଏହି ବସାରେ ମାଆ କୁମ୍ଭୀର ଅଣ୍ଡା ଦେଇଥାଏ । ଏହି ଅଣ୍ଡାଦାନ ସମୟରେ ସେମାନେ ହିଂସ୍ର ହୋଇଯାଇଥାନ୍ତି । ସେମାନଙ୍କ ପ୍ରକ୍ରିୟାରେ କୌଣସି ବାଧା ସୃଷ୍ଟି ହେଲେ ସେମାନେ ଆକ୍ରମଣ କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ୩ ମାସ ପର୍ଯ୍ୟନ୍ତ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବେଶ ଏବଂ ପରିଭ୍ରମଣକୁ ବନ୍ଦ ରଖାଯିବ ବୋଲି ରାଜନଗର ଡିଏଫଓ ସୂଚନା ଦେଇଛନ୍ତି ।

## ମାଆ ଚର୍ଚ୍ଚିକାଙ୍କୁ ଶଙ୍ଖ ଶାଢ଼ୀ ପିନ୍ଧାଇଦେଲେ ବିଜେଡ଼ି କର୍ମୀ !

ଶ୍ରଦ୍ଧା ନା ଅହଙ୍କାର! କିଏ କହିବ ଶେଷରେ ମାଆ ଚର୍ଚ୍ଚିକାଙ୍କୁ ଶଙ୍ଖ ଚିହ୍ନ ଥିବା ଶାଢ଼ୀ ପିନ୍ଧାଇଦେଲେ ବିଜେଡ଼ି କର୍ମୀ ! ଯାହାକୁ ନେଇ ମାଆ ଚର୍ଚ୍ଚିକାଙ୍କ ଭକ୍ତ, ମନ୍ଦିର ସେବାୟତ ଓ ବରିଷ୍ଠ ନାଗରିକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ କିଏ ଓ କାହିଁକି ସେହି ଶାଢ଼ୀ ମାଆଙ୍କୁ ପିନ୍ଧାଇବାକୁ ସେବାୟତଙ୍କୁ ଦେଲେ, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ। ମନ୍ଦିର ସେବାୟତଙ୍କ ମଧ୍ୟରେ ଏହାକୁ ଘଣ୍ଟାଚକଟା ଆରମ୍ଭ ହୋଇଛି । କଟକ ଜିଲ୍ଲା ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମାଆ ଚର୍ଚ୍ଚିକା। ରାଜ୍ୟର ଅନ୍ୟତମ ଶକ୍ତି ପୀଠ । ପ୍ରତିଦିନ ଭୋର ସମୟରେ ମାଆଙ୍କ ମାଜଣା ନୀତି ହୋଇଥାଏ । ମାଜଣା ନୀତି ପରେ ମାଆ ନୂଆ ଶାଢ଼ୀ ପରିଧାନ କରିଥାଆନ୍ତି।



ସବୁଦିନ ପରି ଆଜି ସକାଳେ ମାଆଙ୍କ ସ୍ନାନ ନୀତି କରୁଥିଲେ ଜଣେ ୯୫ ବର୍ଷୀୟ ସେବାୟତ। ଠିକ୍ ସେହି ସମୟରେ କିଛି ଯୁବକ ପଲିଥିନ୍‌ରେ ଗୋଡାଇ ଶାଢ଼ୀ ଦେଇ ଯାଇଥିଲେ । ଆଉ ଗଲା ବେଳେ କହିଯାଇଥିଲେ, ସ୍ନାନ ପରେ ମାଆଙ୍କୁ ସେହି ପିନ୍ଧାଇବାକୁ। ବୃଦ୍ଧ ସେବାୟତ ଜଣକ ଅଜାଣତରେ ମାଆଙ୍କୁ ସେହି ଶାଢ଼ୀ ପିନ୍ଧାଇ ଦେଇଥିଲେ।

## ଖଣ୍ଡପଡା ବିଜେଡ଼ି ପ୍ରାର୍ଥୀଙ୍କ ସ୍ୱାମୀ ଜଣେ ଗଞ୍ଜେଇ ବେପାରୀ

ଭୁବନେଶ୍ୱର,୩।୫(ପି.ଏନ):'ଖଣ୍ଡପଡା ବିଜେଡ଼ି ପ୍ରାର୍ଥୀଙ୍କ ସ୍ୱାମୀ ଜଣେ ଗଞ୍ଜେଇ ବେପାରୀ। ସେ ଖାଲି ଗଞ୍ଜେଇ ବାପରୀ ନୁହଁନ୍ତି, ହତ୍ୟା ଅଭିଯୁକ୍ତ ମଧ୍ୟ। ମାମଲା ଏବେ କୋର୍ଟରେ ବିଚାରାଧୀନ ଥିବାରୁ ଯେ କୌଣସି ସମୟରେ ସେ ଗିରଫ ହୋଇପାରନ୍ତି।' ଟିକେଟ ନମିଳିବା ପରେ ଆଜି ଏପରି ଢଙ୍ଗରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ଓ ତାଙ୍କ ସ୍ୱାମୀ ବେଣୁଧର ପ୍ରଧାନଙ୍କ ଉପରେ ବର୍ଷିଛନ୍ତି ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ।୨୦୧୪ ନିର୍ବାଚନରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରୁ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ ଅନୁଭବ ପଟ୍ଟନାୟକ। ଆଉ ବିଜୟୀ ହୋଇ ଓଡିଶା ବିଧାନସଭାକୁ ଯାଇଥିଲେ। ହେଲେ ୨୦୧୯ରେ ତାଙ୍କୁ ଟିକେଟ ମିଳିନଥିଲା। କିନ୍ତୁ ସେ ବିଜେଡି ଛାଡି ନଥିଲେ। ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିଥିଲେ ଅନୁଭବ। ଭାବିଥିଲେ ୨୦୨୪ରେ ତାଙ୍କୁ ଟିକେଟ୍ ମିଳିବ। ହେଲେ ତାଙ୍କୁ ନିରାଶ ହେବାକୁ ପଡିଥିଲା। ତାଙ୍କ ସ୍ଥାନରେ ବେଣୁଧରଙ୍କ ପତ୍ନୀ ସାବିତ୍ରୀଙ୍କୁ ପ୍ରାର୍ଥୀ କରିଛି ବିଜେଡି।

## ପରିବେଶ ନୀତି ନିୟମକୁ ବେଖାତିର୍ ବେଧଡକ୍ ଚାଲିଛି ଚିପ୍ସ୍ କ୍ରସର୍

ଜେନାପୁର,(ପି.ଏନ୍),୩।୫(ପି.ଏନ) : ପରିବେଶ ନିୟମକୁ ବେଖାତିର୍ କରି ଚାଲିଛି ବେଧଡକ କ୍ରସର ଓ ଖଣିଖାଦନ । ଯାହା ଫଳରେ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଗ୍ରାମ ଗୁଡିକ ପ୍ରଦୂଷଣ ହେବା ସହ ବିଭିନ୍ନ ରୋଗରେ ସୀକାର ହେଉଛନ୍ତି । କ୍ରସର୍ ମାଲିକମାନେ ଏଠି ବାଣିଜ୍ୟ କରି ଲାଭବାନ ହେଉଥିବା ବେଳେ ନିରୀହ ଜନସାଧାରଣ ଜୀବନ ବିପଦ ମୁଖି ହେବାରେ ଲାଗିଛି । ସେହିପରି ଧର୍ମଶାଳା ତହସିଲ ଅନ୍ତର୍ଗତ ରେଖିଦେଇପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ କୁସୁନପୁର – ନୂଆସାହି ଠାରେ ନିୟମକୁ ବେଖାତିର୍ କରି ଚାଲିଛି ଆୟୁଷ ଷ୍ଟୋନ୍ ମେଗା କ୍ରସର । ପ୍ରଶାସନ ପକ୍ଷରୁ ବେଆଇନ ଭାବେ କ୍ରସର ଓ ଖଣିଖାଦନ ଗୁଡିକ ନିୟମକୁ ଏଠାରେ କେତେ ଦୂର ମାନି କାର୍ଯ୍ୟ କରୁଛନ୍ତି ତାହା ସାଧାରଣରେ ପ୍ରଶ୍ନ ଉଠୁଛି ।

## ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ସୌମ୍ୟ ପଟ୍ଟନାୟକ

ଭୁବନେଶ୍ୱର,୩।୫(ପି.ଏନ): ବିଜେଡିରୁ ବହିଷ୍କୃତ ବିଧାୟକ ତଥା ବରିଷ୍ଠ ନେତା ସୌମ୍ୟରଞ୍ଜନ ପଟ୍ଟନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ । ନିଜର ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ବୈଠକ କରିବା ପରେ ସୌମ୍ୟ ଏହି ଘୋଷଣା କରିଛନ୍ତି । ସୌମ୍ୟ ବିଜେପିରୁ ଘସିପୁରା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଲାଗି ରହିଥିଲା, ମାତ୍ର ବିଜେପି ସେଠାରେ ଡଃ ଶମ୍ଭୁନାଥ ରାଉତଙ୍କୁ ଗତକାଲି ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଥିଲା । ଆଜି ଆନନ୍ଦପୁରଠାରେ ନିଜର ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୌମ୍ୟ



କହିଛନ୍ତି ଯେ, ତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଘସିପୁରାର ଲୋକମାନେ ପରାମର୍ଶ ଦେଇଛନ୍ତି । ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ । ଆସନ୍ତା ୬ତାରିଖରେ ସେ ନିଜର ପ୍ରାର୍ଥୀପତ୍ର ଦାଖଲ କରିବେ।

## କଂଗ୍ରେସର ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନ

ସମ୍ବଲପୁର,୩/୫(ପି.ଏନ): କଂଗ୍ରେସର ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନ ଏବଂ ରେଙ୍ଗାଲୀ ବିଧାନସଭା ବିଧାୟକ ପ୍ରାର୍ଥୀ ଇଂ.ଦିଲୀପ କୁମାର ଦୁରିଆ ଆଜି ବାଲିବନ୍ଧା ଛକ ଠାରୁ ଏକ ଭବ୍ୟ ଶୋଭାଯାତ୍ରାରେ ବାହାରି ରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ତଥା ସମ୍ବଲପୁର ମହାନଗର ର ବିଭିନ୍ନ ୱାର୍ଡ ରୁ ହଜାର ହଜାର କଂଗ୍ରେସ କର୍ମୀ,ଦଳୀୟ ପଦାଧିକାରୀ,ଯୁବ ଓ ମହିଳା ଏକତ୍ରିତ ହୋଇ ଏହି ନାମାଙ୍କନ ଶୋଭାଯାତ୍ରା ରେ ସାମିଲ ହୋଇଥିଲେ ଓ ସ୍ଥାନୀୟ ର ବାଲିବନ୍ଧା ଠାରୁ ବାହାରିଥିବା ଏହି ବିଶାଳ ଶୋଭାଯାତ୍ରା କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡା, ଦଳେଇପଡା, ମ୍ୟୁନିସିପାଲିଟି ଛକ ଦେଇ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲା ଓ ନଗେନ୍ଦ୍ର କୁମାର ପ୍ରଧାନ ଙ୍କ ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ବରିଷ୍ଠ କଂଗ୍ରେସ



ନେତା ସୁରେଶ୍ୱର ମିଶ୍ର ଏବଂ ରାଧାକାନ୍ତ ବହିଦାର ରହିଛନ୍ତି । ନଗେନ୍ଦ୍ର ଙ୍କ ପ୍ରାର୍ଥୀ ପତ୍ର ଦାଖଲ ସମୟରେ କଂଗ୍ରେସର ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ, ରେଢ଼ାଖୋଲ ବିଧାନସଭା କଂଗ୍ରେସ ପ୍ରାର୍ଥୀ ଆସଫ୍ ଅଲ୍ଲୀ ଖାଁ, ଛେଣ୍ଡିପଦା କଂଗ୍ରେସ ପ୍ରାର୍ଥୀ ନରୋତ୍ତମ ନାୟକ, ରେଙ୍ଗାଲି ପ୍ରାର୍ଥୀ ଇଂ. ଦିଲୀପ ଦୁରିଆ, ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଜୟ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ରାୟଗଡ଼ା ସମାବେଶକୁ ରାହୁଲ ଗାନ୍ଧୀଙ୍କ ସମ୍ବୋଧନ; ଜନସଭାରେ ଓଡ଼ିଶାବାସୀଙ୍କୁ କହିଲେ ୫ଗ୍ୟାରେଣ୍ଟି କଥା

ଭୁବନେଶ୍ୱର,୩।୫(ପି.ଏନ): ଆଜି ରାୟଗଡାର ସମାବେଶକୁ ଭର୍ଚୁଆଲ୍ ମାଧ୍ୟମରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମ୍ବୋଧନ କରିଛନ୍ତି । ଭର୍ଚୁଆଲ୍ ମାଧ୍ୟମରେ ସେ ତାଙ୍କର ୫ଟି ଗ୍ୟାରେଣ୍ଟି କଥା କହିଛନ୍ତି । ସେ କହିଛନ୍ତି , "କଂଗ୍ରେସ ସରକାର କ୍ଷମତାକୁ ଆସିଲେ ପ୍ରଥମେ ଚାଷୀମାନଙ୍କୁ ଋଣ ଛାଡ଼ କରିବେ , ଧାନର ମୂଲ୍ୟ ବୃଦ୍ଧି କରାଯିବ, ଗ୍ରାଜୁଏଟ୍ ଏବଂ ଡିପ୍ଲୋମାଧାରୀ ଛାତ୍ରଛାତ୍ରୀମାନଙ୍କୁ ଚାକିରି କ୍ଷେତ୍ରରେ ନିଯୁକ୍ତି ଦିଆଯିବ, ଦଳିତ ଆଦିବାସୀ ଓ ପଛୁଆ ବର୍ଗଙ୍କ ଜାତିଗତ ଗଣନା କରାଯିବ , ଗରିବ ପରିବାର ମହିଳାମାନଙ୍କୁ ମାସିକ ୮ ହଜାର ୫



ଶହ ଟଙ୍କା ମିଳିବ , ସରକାରୀ ଓ ବେସରକାରୀ ଚାକିରୀରେ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ଦିଆଯିବ , ମନୋରେଗା ଯୋଜନାରେ ଶ୍ରମିକମାନଙ୍କୁ ୪୦୦ ଟଙ୍କା ମଜୁରୀ ଦିଆଯିବ ।" ଆଜି ରାୟଗଡାର ଜନସଭାରେ ଭର୍ଚୁଆଲ୍ ମାଧ୍ୟମରେ ସମ୍ବୋଦ୍ଧନ କରି କଂଗ୍ରେସ ଆସିଲେ ରାହୁଲ ଗାନ୍ଧୀ ଏହି ୫ ଗ୍ୟାରେଣ୍ଟି ଦେବାର ପ୍ରତିଶୃତି ଦେଇଛନ୍ତି ।

## କୁକୁଡାଖଣ୍ଡି ବ୍ଲକ ୯ ନମ୍ବର ଜୋନ୍ ନିର୍ବାଚନୀ ପଦଯାତ୍ରା

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର), ୩।୮(ପି.ଏନ): ୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ଜୋର ଧରିଛି ବିଭିନ୍ନ ଦଳ ର ନେତା ଙ୍କ ପ୍ରଚାର ସେହି ପରି ବିଜେଡି ପାର୍ଥି ଙ୍କ ପ୍ରଚାର ମଧ୍ୟ ଜୋର ଧରିବା ସାଧାରଣ ରେ ଚର୍ଚ୍ଚା । ଶୁକ୍ରବାର ଦିନ ଅପରାହ୍ନ ସମୟ ରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପାର୍ଥି ବିପ୍ଳବ ପାତ୍ର ନିଜ ସମର୍ଥକ ଙ୍କ ସହ ମିଶି ୯ ନମ୍ବର ଜୋନ୍ ଅଧିନସ୍ଥ ରେଳ ଥିବା ଘଟକେଶ୍ୱର ମନ୍ଦିର ଛକ, ବାଣୀଆମାରି, ବେତଝରି , ସରକୋଟ, ପୁରୁଣାପାଟଣା, କଙ୍କିଆ, ଚନ୍ଦନପୁର, ନୂଆଁ ଜୁଗୁଡ଼ି, ଜୁଗୁଡି, ଟାମଣା, ମେଦିନୀପୁର, ସିଙ୍ଗାବାଡ଼ି, ସିହଳା, କୁସୁମି, ବାଘଲଟି, ସାନ କୁସୁମି, ମନୋହରା, ମଦନମୋହନପୁର, ମାଟିଆସାହି, କୁମାରପୁର, ବେନ୍ଦାଳିଆ, ଲାଠି, ମୋହୁଡ଼ା, ଲୁଣୀଘରା, ନରସିଂହପୁର, ଚାକୁଣ୍ଡାଝୋଳ, ବୁରଗାଁ, ବିକାଶପୁର, ରାମଗୁଡ଼ା, ଢେପାଗୁଡ଼ା, ବେଲପଡ଼ା, ଲୋଚାପଡ଼ା, କାନ୍ଥିଗଡ, ଜିନିଗୁଡ଼ା, ବନ୍ଧାଗୁଡ଼ା, ଅନନ୍ତେଇ, ବରପଲ୍ଲୀ, ଚାଞ୍ଚଡାପଲ୍ଲୀ, ବନ୍ଥପଲ୍ଲି, ସିରିଆପୁର , ଖୁଣ୍ଟିଆପଲ୍ଲୀ, ଏ.ରଘୁନାଥପୁର, ବଳିଆପଦା, ନୂଆଁ ଅନନ୍ତେଇ, ଲଙ୍ଗଳଦେଇ ଓ ସୁକୁଣ୍ଡା ରେ ବାଇକ୍ ରାଲି ସହ ବିରାଟ ପଟୁଆରରେ ବାହାରି ଘର ଘର ବୁଲି ଭୋଟ ଭିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଭୋଟ ଭିକ୍ଷା ସମୟ ରେ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଲୋକଙ୍କୁ ବୁଝାଇବା ଶହ ଲୋକଙ୍କ ପାଖରେ ସେହି ଯୋଜନା ଗୁଡିକ ପହଁଚୁଛି କି ନାହିଁ ତାହା ମଧ୍ୟ ପଚାରିବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପାର୍ଥି ବିପ୍ଳବ ପାତ୍ରଙ୍କ ସହ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷ ପ୍ରସାଦ ପାତ୍ର, ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ବ୍ଲକ ବିଜେଡି ବରିଷ୍ଠ ନେତା ଉଦୟ ବେହେରା, ,ବିଜେଡି ବ୍ଲକ ସଭାପତି ସିତାରାମ ସାହୁ ,କୈଳାସ ବିଷୋୟୀ , ସ୍ଥାନୀୟ ଜିଲ୍ଲାପରିଷଦ ମମତା ଦାସ, ୮ ନମ୍ବର ଜୋନ୍ ଜିଲ୍ଲାପରିଷଦ ଶିବାନୀ ସେଠୀ ଙ୍କ ସମେତ ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ବିଜେଡ଼ି କର୍ମୀ ଓ ଜନସାଧାରଣ ଉପସ୍ଥିତ ରହିଆସିଥିଲେ।









## ଟି ଟାଇମ୍

## ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟ୍ତ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତ୍ତ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜ୍ତ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫତ୍ତ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକ୍ତ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡ୍ତ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫ୍ରି ଲଭ କମ୍ୟୁନିଟତ୍ତ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ତୁ' ମୋତେ ନ ଖା', ମୁଁ ତୋତେ ନଖାଏ

ଆମେ ଯେତେ ନିଶା ଖାଉ, ତା ମଧ୍ୟରେ ଧୂମପାନ ଅନ୍ୟତମ। ଧୂମପାନ ତମାଖୁ ସେବନର ଅନ୍ତର୍ଗତ। ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖିଦୃଶିଆ କଡ଼ା ଆଇନ୍ ନାହିଁ। ତମାଖୁ ସେବନ ଏବଂ ଧୂମପାନ କାରଣରୁ ଅଧୁନା ପୃଥିବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି। ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତି ସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ। ଆମ ଭାରତରେ ତମାଖୁ ସେବନଜନିତ ସଂଖ୍ୟା ଏବେ ୧୨କୋଟିରୁ ଊର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି। ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣାପଡ଼ିଛି ଯେ, ଭାରତର ୬୦ଲକ୍ଷ ହୃଦ୍‌ରୋଗୀଙ୍କ ମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମପାନ ସେବନଜନିତ ରୋଗୀ। ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ। ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଅତୀତ ଭାବେ ବୃଦ୍ଧି ପାଇବ। ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦନ ପ୍ରବେଶ କରି ବିଭିନ୍ନ ରୋଗର କାରଣ ହୋଇଥାଏ। ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃଦ୍‌ଘାତରେ କାରଣ ହୋଇଥାଏ। ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି। ଏହାର ମୁଖ୍ୟ କାରଣ ସେହି ଧୂମପାନ ଏବଂ ତମାଖୁ ସେବନ। ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମପାନ କରୁଛନ୍ତି। ଏହା ଏମିତି ଏକ ନିଶା, ଯାହା ଥରେ ମାତ୍ର ଅଭ୍ୟାସରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଯାଏ। ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ। ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା। ଆମେ ମନେରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ସୋପାନ ବିଷପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କ କଥା। ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷରେ ୬ରୁ ୧୦ ବର୍ଷ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ।

ଏବେ ତ ଉଭୟ ପୁରୁଷ ଏବଂ ମହିଳାମାନେ ତମାଖୁ ସହିତ ଧୂମପାନ କରୁଛନ୍ତି। ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀମାନଙ୍କ ସଂଖ୍ୟା ୪୪.୬%। ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣଧୂମପାନକାରୀ, ସେମାନେ ଘରେ ବା' କର୍ମକ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫.୩୦% ହୃଦରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍‌ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଅନ୍ତଃରାଷ୍ଟ୍ରୀୟ ଗବେଷଣାରୁ (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପଦାଙ୍କିତ କାରଣ ହୋଇଛି। ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ। ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସରର ଶିକାର ହୋଇଥାଆନ୍ତି । ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ। ଏତଦ୍‌ଭିନ୍ନ ମୁହଁ, ପେଟ ଓ କିଡ୍‌ନୀ କ୍ୟାନସର ହେବାର ସମ୍ଭାବନା ମଧ୍ୟ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି। ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ୍ୟ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡଲାର।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଆଜମା ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି। ଏସ୍.ଏଚ୍.ଏସ୍ ପ୍ରତି ଯୁବକମାନଙ୍କର ଉନ୍ମୁକ୍ତ, ହୃତପିଣ୍ଡ ଓ ଧମନୀ ରୋଗ, କୋରୋନରୀ ହୃଦୟ ରୋଗ ଏବଂ ବାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ।

୨ ଅକ୍ଟୋବର ୨୦୦୮ରେ ଭାରତ ସରକାର ସର୍ବସାଧାରଣ ସ୍ଥାନରେ "ଧୂମପାନ ନିଷେକ୍ଷ" ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି। ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି। ସର୍ବସାଧାରଣ ସ୍ଥାନରେ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା। ଏହାକୁ ଧରାଇଦେବାରେ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବା ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି। ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି।

ଏସବୁ ସତ୍ତ୍ୱେ ଧୂମପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି। ଆଇନ୍ ତା' ପୋଥି ଭିତରେ ନୀରବ। କର୍ମୀଙ୍କ କଥା ଛାଡ଼। ମଦ କୁହେ; ତୁମେମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି। ଏବେ ଧୂମପାନ କଥା ସେୟା, ଆମେ କ'ଣ କହିବା ଯେ ଧୂମପାନ ଆମକୁ ଖାଉ !

ଧୂମପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି। ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା। ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି। ଏହା ଏକ ସ୍ୱର୍ଶକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି। ଏହା ଯଦି ହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ। ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସ ପାଇଁ ଏଣିକି ପ୍ୟାକେଟ୍‌ରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ। କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ। ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି। ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛା ହୁଏ। ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ। ପୂର୍ବରୁ ଏହାକୁ ଖିଲାଫ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା। ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ୍ ୧୮ରୁ ୨୫କୁ ବୃଦ୍ଧି କରାଯାଇଛି। ଏହା କେତେଦୂର କାର୍ଯ୍ୟକାରୀ ହେବ, ତାହା କେବଳ ଦେଖିବାକୁ ବାକି ରହିଲା।

ପ୍ରତିବର୍ଷ ୧୧ ଅକ୍ଟୋବରକୁ ଧୂମପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରାଯାଇଛି। ଏହା ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇ ଧୂମପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଯାଉଛି।

ଧୂମପାନ କେବଳ ଆମ ରୋଗର ଏକ ମାରାତ୍ମକ କାରଣ ନୁହେଁ। ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା। ଏ ନେଇ ଗାନ୍ଧି କହିଛନ୍ତି- *"ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି। ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମପାନ ପାଇଁ ଏତେ ଆବେଗ କାହିଁକି ? ଧୂମପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ। -ସତ୍ୟ ସହିତ ମୋ ପରୀକ୍ଷା।"*

# କାଥୋଲିକ ଓ ପ୍ରୋଟେଷ୍ଟାଣ୍ଟ ବିବାଦ

ଆମ ଦେଶର ଜାତିଗତ ବିବାଦ ସଂପର୍କୀୟ ଘଟଣା ସବୁବେଳେ ଆମେ ବହୁଳ ଭାବରେ ଆଲୋଚନା କରି ସେ ସମୟର ନିର୍ଯାତନା ପାଇଁ ଏବେ ମଧ୍ୟ କିଛି ନିର୍ଦ୍ଧିଷ୍ଟ ଜାତି ବା ସଂପ୍ରଦାୟଙ୍କୁ ଦାୟୀ କରି ନିନ୍ଦା ଓ ଭତ୍ସନା ଜାରି ରଖିଛୁ । ପ୍ରତିଦିନ ମନୁଙ୍କ ସପ୍ତପୁରୁଷକୁ ଶ୍ରାଦ୍ଧ କରାଯାଉଛି । ବ୍ରାହ୍ମଣମାନଙ୍କ ମୁହଁରେ କଳା ବୋଳାଯାଉଛି । ଆମ ଦେଶରେ ଜାତିଗତ ବିଭେଦ ପାଇଁ କେବେ ରକ୍ତପାତ ହୋଇ ନଥିଲା । ସମୟ ଅନୁଯାୟୀ ଲୋକମାନେ ଅତୀତକୁ ଭୁଲି ସଂହତିର ଜୀବନ କଟାଇଲା ବେଳକୁ ଆମ ନେତାମାନେ ଲୋକମାନଙ୍କୁ ଶାନ୍ତିରେ ରଖାଇ ଦେଉନାହାନ୍ତି । ଦଳିତ, ଅନୁସୂଚିତ ବୋଲି ଅନେକ ଶବ୍ଦ ସୃଷ୍ଟି କରି ସବୁବେଳେ ଅତୀତକୁ ଉଖୁରାଉଛନ୍ତି । ନାନାପ୍ରକାର ସଂରକ୍ଷଣରେ ଦେଶକୁ ଶତ ବିଭକ୍ତ କରି ନିଜର ଭୋଟବ୍ୟାଙ୍କ ସୃଷ୍ଟି କରି ଚାଲିଛନ୍ତି ।

ମଧ୍ୟଯୁଗରେ ଖାଲି ଭାରତ ନୁହେଁ, ପୃଥିବୀର ସବୁଆଡେ ଭୟଙ୍କର ଧର୍ମଗତ ବିଭେଦ ଲାଗିଥିଲା । ଯେଉଁ ୟୁରୋପୀୟମାନେ ଆଜି ସାହେବ ହୋଇଛନ୍ତି, କ୍ରୀତଦାସ ପ୍ରଥା ଭଳି ଜଘନ୍ୟ ପ୍ରଥାକୁ ଶହ ଶହ ବର୍ଷ ବଂଚ-ାଇ ରଖିଥିଲେ । ମଣିଷକୁ ପଶୁଠାରୁ ଆହୁରି ହୀନ କରିଥିଲେ । ଖ୍ରୀଷ୍ଟଆନମାନେ ସେମାନଙ୍କର ଜାତିଭେଦ ନାହିଁ କହି ଆମକୁ ଘୃଣା କରନ୍ତି, ସେମାନଙ୍କର କାଥୋଲିକ ଓ ପୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ବିବାଦ ହୋଇ ଶହ ଶହ ଜିଅନ୍ତା ମଣିଷକୁ କିପରି ପୋଡି ମାରୁଥିଲେ, ତାହାର ସାକ୍ଷୀ ଇତିହାସ ହିଁ ରହିଛି ।

ପ୍ରଥମ ଖ୍ରୀଷ୍ଟାବ୍ଦରେ ପ୍ରାଚୀନ ଇସ୍ରାଏଲ ଭୂମି (ଜୁଡାଇ)ର ଜେସସ କ୍ରାଏଷ୍ଟ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ଏକ ନୂତନ ଧର୍ମ ଆଗମନରେ ଆତଙ୍କିତ ହୋଇ ସେଠାର ମୂଳ ଅଧିବାସୀ ଇହୁଦୀମାନଙ୍କର ପୂଜକ ମାନେ ରୋମାନ ଶାସକ ହିରୋଡଙ୍କ ଆଗରେ ଯୀଶୁଙ୍କ ବିରୁଦ୍ଧରେ ଆରୋପ ଆଣି ତାଙ୍କୁ କ୍ରୁସ ବିଦ୍ଧ କରାଇ ହତ୍ୟା କରିଥିଲେ । ସେତେବେଳେ ଧର୍ମରେ ନୂଆ ଚିନ୍ତାଧାରାକୁ ପ୍ରାଣଦଣ୍ଡ ଦେଇ ଦବାଇ ଦିଆଯାଉଥିଲା । ପରେ ପଲ, ପିଟର ଭଳି ଶିଷ୍ୟମାନେ ଆତ୍ମବଳି ଦେଇ ଏହାର ପ୍ରଚାର କରିଥିଲେ । ନୂତନ ଧର୍ମାବଲମ୍ବୀମାନେ ନାନା ନିର୍ଯାତନାର ଶିକାର ହେଲେ । ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କନଷ୍ଟାଣ୍ଟଇନ ରୋମର ରାଜଧର୍ମ ରୂପେ ଖ୍ରୀଷ୍ଟଧର୍ମକୁ ଗ୍ରହଣ କରିବାରୁ ଏହା ସାରା ରୋମ ସାମ୍ରାଜ୍ୟରେ ବ୍ୟାପିଗଲା । ଚର୍ଚ୍ଚମାନ ପ୍ରତିଷ୍ଠା କରାଗଲା । ରୋମର ବିଶପଙ୍କୁ ପୋପ କୁହାଗଲା । ଧର୍ମକୁ ରୋମାନ କାଥୋଲିକ (Universal) ଧର୍ମ ନାମ ଦିଆଗଲା । ଖ୍ରୀଷ୍ଟ ଧର୍ମର ଧର୍ମଗ୍ରନ୍ଥ ବାଇବେଲ ଲାଟିନ ଭାଷାରେ ଲେଖା ଥିଲା । ପ୍ରତି ରବିବାର ଦିନ ଚର୍ଚ୍ଚକୁ ଯିବା ବାଧ୍ୟତାମୂଳକ ଥିଲା । ମଣିଷର ବ୍ୟକ୍ତିଗତ ଜୀବନକୁ ଚର୍ଚ୍ଚ ନିୟନ୍ତ୍ରଣ କଲା। ୟୁରୋପର ଏକ ତୃତୀୟାଂଶ ଜମି ଚର୍ଚ୍ଚ ଅଧୀନରେ ଥିଲା । ପୋପ ଖ୍ରୀଷ୍ଟଆନ ଜଗତର ସର୍ବୋଚ୍ଚ ଧର୍ମଗୁରୁ ହେଲେ । ବିସପ, କାଡିନାଲ, ପ୍ରିଷ୍ଟ ମାଧ୍ୟମରେ ସାଧାରଣ ଲୋକମାନେ ଇଶ୍ୱରଙ୍କ ଉପଲବ୍ଧ କରୁଥିଲେ । ଅନୁତାପ, କନଫେସନ, ବାପ୍ଟିଜିମ ଓ ସତକାମ ଏହି ଧର୍ମର ମୂଳମନ୍ତ୍ର ଥିଲା । ପୋପ ସମସ୍ତ ଖ୍ରୀଷ୍ଟିଆନ ଜଗତର ସର୍ବୋଚ୍ଚ ଗୁରୁ ଥିଲେ । ସେ ବିସପ, କାଡିନାଲମାନଙ୍କୁ ନିଯୁକ୍ତି ଦେଉଥିଲେ । ପାପାଲ କିଙ୍ଗଡମ ନାମରେ ରାଜ୍ୟର ଶାସକ ମଧ୍ୟ ଥିଲେ । ପ୍ରତ୍ୟେକ ଶାସକ ନିଜ ଅଭିଷେକ, ବିବାହ ପାଇଁ ପୋପଙ୍କର ଅନୁମତି ନେଉଥିଲେ । କାଥୋଲିକ ଧର୍ମରେ କୌଣସି ଭିନ୍ନମତକୁ ଆଶ୍ରୟ ଦିଆଯାଉ ନ ଥିଲା । ନିଜର ନୂଆ ମତ (Heliocentrism,The Sun not Earth is in centre) ପାଇଁ ବୟସ୍କ ବୈଜ୍ଞାନିକ ଗାଲିଲିଓଙ୍କୁ ନାନା ଅପମାନ ଦିଆଗଲା (୧୫୩୪)। ସେ ମିଛୁଆ ଓ ଉଦଭ୍ରାନ୍ତ (Heratic) ବୋଲି ଘୋଷଣା କରାଗଲା । ସେ ଜୀବନଯାକ ଗୃହବନ୍ଦୀ ରହିଲେ । କବର ପାଇଁ ଯାଗା ଦିଆଗଲା ନାହିଁ । କାଳକ୍ରମେ ଅନେକ ଚିନ୍ତାଶୀଳ ବ୍ୟକ୍ତି ଧର୍ମର ସଂସ୍କାର ଚାହିଁଲେ । ସେମାନଙ୍କ ମଧ୍ୟରେ ଜର୍ମାନର ମାର୍ଟିନ ଲୁଥର ଓ କାଲଭିନ ପ୍ରଧାନ । ସେ ୯୫ ଥେସିସ ନାମରେ ଏକ ପୁସ୍ତକ ଲେଖି (୧୫୨୩) ପୋପଙ୍କ ଆଧିପତ୍ୟକୁ ପ୍ରୋଟେଷ୍ଟ କରିବାରୁ ତାଙ୍କ ଧର୍ମକୁ ପ୍ରୋଟେଷ୍ଟାଣ୍ଟ କୁହାଗଲା । ସେମାନେ ବାଇବେଲକୁ ସ୍ଥାନୀୟ ଭାଷାରେ ଛପାଇଲେ । ଇଶ୍ୱର ଓ ବ୍ୟକ୍ତି ମଧ୍ୟରେ ପ୍ରିଷ୍ଟର (ଚର୍ଚ୍ଚ) ମାଧ୍ୟମ ଦରକାର ନାହିଁ ବୋଲି କହିଲେ । ମଦର ମେରୀଙ୍କ ଈଶ୍ୱରତ୍ୱକୁ ମାନିଲେ ନାହିଁ । ଅନୁତାପ, ସତକର୍ମ ବଦଳରେ ଇଶ୍ୱରଙ୍କ ପ୍ରତି ବିଶ୍ୱାସକୁ ପ୍ରାଧାନ୍ୟ ଦେଲେ । ଦଣ୍ଡରୁ କ୍ଷମା ପାଇଁ ଚର୍ଚ୍ଚମାନେ ଅର୍ଥ ନେବାକୁ ବିରୋଧ କଲେ । ସେମାନେ ନିଜର ସ୍ୱତନ୍ତ୍ର ଚର୍ଚ୍ଚ (Redemption) ପ୍ରତିଷ୍ଠା କଲେ । ପ୍ରତ୍ୟେକ ଚର୍ଚ୍ଚ ସମାନ ବୋଲି ଘୋଷଣା କଲେ । ଏହାର ସାମନା ପାଇଁ ପୋପ ସଂସ୍କାର କାର୍ଯ୍ୟକାରୀ କଲେ (୧୫୨୭) । ଜର୍ମାନୀର ଶାସକମାନେ ଲୁଥରଙ୍କୁ ସମର୍ଥନ କଲେ । ଜର୍ମାନୀ ସେତେବେଳେ ପବିତ୍ର ରୋମାନ ସମାଜର ଅନ୍ତର୍ଗତ ଥିଲା, ଯେ କି ପୋପଙ୍କର ଦୃଢ ସମର୍ଥକ ଥିଲେ । ଜର୍ମାନରେ ତିରିଶ ବର୍ଷ ଧରି ଯୁଦ୍ଧ ଚାଲିଲା । ଅନେକ ରାଜ୍ୟ ଧ୍ୱଂସ ହେଲା । କୁହାଯାଏ ଜର୍ମାନର ଏକ ତୃତିୟାଂଶ ଲୋକ ଏହି ଧର୍ମଯୁଦ୍ଧରେ ମରିଗଲେ । ଲାଟିନ ଆମେରିକା, ଇଟାଲି, ସ୍ପେନ୍, ପର୍ତ୍ତୁଗାଲ,୨୩-ଇଷ୍ଟର୍ଣ୍ଣ ଅର୍ଥୋଡକ୍ସ କାଥୋଲିକ ଧର୍ମର (୧.୨ ବିଲିଅନ) ସମର୍ଥକ ଥିଲେ । ଜର୍ମାନ, ଫ୍ରାନସ, ଆମେରିକା, ହଲାଣ୍ଡ ପ୍ରୋଟେଷ୍ଟାଣ୍ଟକୁ ଆପଣେଇଲେ (୮୦ ମିଲିଅନ) । ଏଥିନେଇ ଦେଶ-ଦେଶ ମଧ୍ୟରେ ଯୁଦ୍ଧ ଚାଲିଲା । ଇଂଲଣ୍ଡର ହେନେରି-୮ଙ୍କ ପୋପଙ୍କ ସହ ବିବାଦ ହେବାରୁ ସେ ନିଜ ଦେଶରେ କାଥୋଲିକ ଚର୍ଚ୍ଚମାନ ବନ୍ଦ କରାଇଦେଲେ । ଅତ୍ୟାଚାରରୁ ରକ୍ଷାପାଇବା ପାଇଁ ଅନେକ ଦେଶ ଛାଡିଲେ । ତାଙ୍କ କନ୍ୟା ମେରି ଶାସକ ହେଲାପରେ କାଥୋଲିକଙ୍କୁ ସମର୍ଥନ କଲେ । ପ୍ରୋଟେଷ୍ଟାଣ୍ଟ ମାନଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ । ତାଙ୍କର ମାତ୍ର ୫ ବର୍ଷ ଶାସନ ମଧ୍ୟରେ ଆର୍କ ବିଶପ କାଉନବରି (କ୍ରାନମର)ଙ୍କ ସମେତ ୨୭୮ଜଣଙ୍କୁ ନିଆଁରେ ପୋଡି ମାରିଥିଲେ । ସେଥିପାଇଁ (Inquisition Law) ବୋଲି ଲୋକେ ଡାକିଲେ । ସ୍ପେନର ଜଣେ ପ୍ରୋଟେଷ୍ଟାଣ୍ଟ କେଟେନ ରିପିଲ (ଶିକ୍ଷକଙ୍କୁ) ଧର୍ମଯାଜକ ପ୍ରିସାଲିନଙ୍କୁ ପୋଡି ମାରିଦିଆଗଲା । ତାଙ୍କର ଅପରାଧ ହେଲା ସେ ଚର୍ଚ୍ଚରେ ପ୍ରାର୍ଥନା ନକରି ଘରେ ପ୍ରାର୍ଥନା କରାଉଥିଲେ । ଆୟରଲାଣ୍ଡରେ କାଥୋଲିକମାନଙ୍କୁ ୪୫ ଫୁଟ ବାଡ ଦିଆଯାଇ ନିଆରା ରଖାଗଲା । ଇଂଲଣ୍ଡରେ ଗୃହଯୁଦ୍ଧ ହୋଇ ରାଜା ଚାର୍ଲସ (କାଥୋଲିକ)ଙ୍କୁ ହତ୍ୟା କରାଗଲା । ସାରା ୟୁରୋପରେ ଇହୁଦୀ ମାନଙ୍କୁ ଘୃଣା କରି ଘେଟୋରେ ରଖାଗଲା ।

ଭିନ୍ନ ମତାବଲମ୍ବୀମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ପୋପ କାଥେଲିକମାନଙ୍କ Inquisition Law ପ୍ରଣୟନ ପାଇଁ ଆଦେଶ ଦେଲେ । ଏହା ବର୍ତ୍ତମାନର ତାଲିବାନ ଆଇନଠାରୁ ଆହୁରି ଜଘନ୍ୟ ଥିଲା । ସ୍ୱତନ୍ତ୍ର ବିଚାରପତି ନିଯୁକ୍ତି ପାଇଲେ । ଯେଉଁମାନେ ଠିକ୍ ଭାବେ ଧର୍ମ ଆଚରଣ କରୁନଥିବେ (Heratics, Heresy) ସେମାନଙ୍କ ପାଇଁ ବିଭିନ୍ନ ଦଣ୍ଡର ବ୍ୟବସ୍ଥା ରହିଲା । ବିଶେଷତଃ ନିୟୁ ଖ୍ରୀଷ୍ଟିଆନ (Converted Christian)ମାନେ ନିଜ ପୁରୁଣା ଧର୍ମର ବ୍ୟବସ୍ଥା ମାନୁଥିବାରୁ ଏହାର ଶିକାର ହେଉଥିଲେ । ଦଣ୍ଡ ହେଲା, ନିଆଁରେ ପୋଡି ମାରିବା, ସାଧାରଣ ଜାଗାରେ ବାନ୍ଧି ଚାବୁକ ମାରିବା, ଲୋକମାନେ ଟେକା ଫିଙ୍ଗିବା, ଛିପ ପକାଇବା, ଯାହା ଏକ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ ଥିଲା। ନିର୍ଜନ କାରାବାସ, ଦେଶାନ୍ତର, ଉପରୁ କଚାଡି ହାଡ ଗୋଡ ଭାଙ୍ଗି ଦେବା । ଶାସକ ମାନେ ନିଜ ବିରୋଧୀଙ୍କୁ ଏହି ସୁଯୋଗରେ ଧର୍ମଦ୍ରୋହୀ କହି ଦଣ୍ଡ ଦେଲେ । ସାରା ୟୁରୋପ ଓ ସେମାନଙ୍କର କଲୋନିମାନଙ୍କରେ ହଜାର ହଜାର ବ୍ୟକ୍ତିଙ୍କୁ ହତ୍ୟା କରାଗଲା । ପର୍ତ୍ତୁଗୀଜ ଅଧିକୃତ ଗୋଆରେ ଧର୍ମପ୍ରାଣ ସେଣ୍ଟ ଫ୍ରାନସିସ ଜାଭିଅରଙ୍କ ଆଦେଶରେ ୭୦ ଜଣଙ୍କୁ ନିଆଁରେ ପୋଡି ମାରି ଦିଆଯାଇଥିଲା । ୟୁରୋପରୁ ଏହି କଳାରାତି ନେପୋଲିଅନଙ୍କ ଆବିର୍ଭାବରେ ସମାପ୍ତ ହୋଇଥିଲା । ସେ ଆଦେଶ ଦେଇ ଏହି ଆଇନକୁ ଉଠାଇ ଦେଇଥିଲେ । ଆମର ଅତୀତକୁ ସମାଲୋଚନା କଲା ବେଳେ ସେହି ଉନ୍ନତ ଦେଶମାନଙ୍କ ଅତୀତକୁ ତୁଳନା କଲେ, ଆମ ବ୍ୟବସ୍ଥା ଯେ ତାଙ୍କ ଠାରୁ ସହସ୍ରଗୁଣ ଉଦାର ଥିଲା, ତାହା ନିଃସନ୍ଦେହରେ କୁହାଯାଇପାରିବ । ସେଥିପାଇଁ ଆମର ଅତୀତରେ ଯାହାକିଛି ଦୁର୍ବଳତା ରହିଛି, ତାହା ପାଇଁ ଲଜ୍ଜିତ ହେବାର ଆବଶ୍ୟକତା କିଛି ନାହିଁ ।

# ବିଷାଦଗ୍ରସ୍ତ ଭାରତ

ବ୍ୟସ୍ତବହୁଳ ଜୀବନରେ ଜଞ୍ଜାଳମୟ ମୁହୂର୍ତ୍ତ ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। କର୍ମକ୍ଷେତ୍ର ଠାରୁ ବୃତ୍ତିଗତ କ୍ଷେତ୍ର ସବୁଠି ବ୍ୟସ୍ତତା, ଅଶାନ୍ତି ଓ ବିଶାଦର ଚିହ୍ନ। ନିକଟରେ ଜାତୀୟ ସ୍ୱାସ୍ଥ୍ୟ ବୁଲେଟିନର ତଥ୍ୟକୁ ଅନୁଯାୟୀ ଭାରତକୁ ଏକ ପ୍ରକାର ବିଷାଦମୟ ପରିବେଶ ସଂକ୍ରମିତ କରିଛି ବୋଲି ପରୋକ୍ଷରେ ତଥ୍ୟ ରଖିଛି। କେବଳ ସେତିକି ନୁହେଁ ସମାଜ ବିଜ୍ଞାନୀଙ୍କ ମତରେ ଭାରତକୁ କୁହାଯାଇଛି ଆତ୍ମହତ୍ୟାର ରାଜଧାନୀ। ଏହାର କାରଣ ଭାବେ ମେଡ଼ିକାଲ ରିସର୍ଚ୍ଚ ଆସୋସିଏସନ୍ ଦର୍ଶାଇଛି ଯେ ଭାରତ ଦିନକୁ ଦିନ ଅଧିକରୁ ଅଧିକ ବିଷାଦଗ୍ରସ୍ତ ହୋଇ ପଡୁଛି। ଏହାର କାରଣ ଅନେକ। ଯୁବକମାନଙ୍କ ଭିତରେ ରହିଛି ପରୀକ୍ଷା ବା ଚାକିରୀ ପାଇବାରେ ବିଫଳତା ଏବଂ ବେକାରୀ। ପ୍ରେମଜନିତ ଆତ୍ମହତ୍ୟା ଘଟନା ବି ବେଶ୍ ବଢ଼ିବାରେ ଲାଗିଛି। ସେହିପରି ଘରଣୀମାନେ ମଧ୍ୟ ଆଗଠାରୁ ଅଧିକ ସଂଖ୍ୟାରେ ଆତ୍ମହତ୍ୟା କରୁଛନ୍ତି। ସେମାନଙ୍କ ପରେ ଆସୁଛନ୍ତି ବୃଦ୍ଧ ବା ବୃଦ୍ଧା। ବରିଷ୍ଠ ନାଗରିକମାନେ ମଧ୍ୟ ନିଃସଙ୍ଗତା ଓ ଆର୍ଥିକ ଅନଟନଜନିତ କାରଣରୁ ବିଷାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରୁଛନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତର ପ୍ରାୟ ଦୁଇ ତୃତୀୟାଂଶ ଲୋକେ ସାମାନ୍ୟ ଭାବେ ବିଷାଦଗ୍ରସ୍ତ। କିନ୍ତୁ ଏକ ଚତୁର୍ଥାଂଶ ଭାରତ ଅତି ମାତ୍ରାରେ ବିଷାଦଗ୍ରସ୍ତ, ଯାହାକି ଆତ୍ମହତ୍ୟାର ମୁଖ୍ୟ କାରଣ। ଜଣାପଡ଼ିଛି ଯେ ଭାରତରେ ଏବେ ପ୍ରତି ପନ୍ଦର ମିନିଟ୍‌ରେ ତିନିଟି ଆତ୍ମହତ୍ୟା ଘଟନା ଘଟୁଛି। ଏହି ତିନିଟି ଭିତରୁ ୧୮ରୁ ୨୯ ବର୍ଷ ବୟସ ଭିତରେ ଯୁବକ ବା ଯୁବତୀଙ୍କ ସଂଖ୍ୟା ହେଉଛି ଗୋଟିଏ। ଭାରତକୁ ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯିବା ପଛରେ କାରଣ ହେଉଛି ପ୍ରତିବର୍ଷ ଯେତିକି ଆତ୍ମହତ୍ୟା ଘଟନା ରିପୋର୍ଟ ହେଉଛି ତା ସଂଖ୍ୟା ଏକ ଲକ୍ଷରୁ ଅଧିକ। ନ୍ୟାସନାଲ କ୍ରାଇମ୍ ବ୍ୟୁରୋର ରିପୋର୍ଟରୁ ଜଣା ପଡ଼ିଛି ଯେ ପ୍ରତିଟି ଆତ୍ମହତ୍ୟା ସଫଳ ହେବା ପଛରେ ରହିଥାଏ ପ୍ରାୟ ୧୨ଟି ବିଫଳ ଆତ୍ମହତ୍ୟାର ଉଦ୍ୟମ ହୋଇଥାଏ। ଜଣାପଡ଼ିଛି ଯେ ଭାରତରେ ବିଷ ପିଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ। ଏବେ ଆତ୍ମହତ୍ୟାର ଧାରାରେ ଯେଉଁ ପରିବର୍ତ୍ତନ ବିଷୟରେ ସୂଚନା ମିଳିଛି ତାହା ହେଲା, ଏବେ ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଆତ୍ମହତ୍ୟାର ସଂଖ୍ୟା ବଢ଼ିଛି। ଛାତ୍ରଛାତ୍ରୀମାନଙ୍କ ଭିତରେ ଆତ୍ମହତ୍ୟାକୁ ରୋକିବାକୁ ହେଉଥିବା ବିଭିନ୍ନ ସ୍ତରୀୟ ଉଦ୍ୟମ ପରେ ସେଥିରେ କିଞ୍ଚିତ ରୋକ ଲାଗିଥିବାର ଦେଖାଯାଉଛି। ଶାସ୍ତ୍ର କହୁଛି ମଣିଷ ହେଉଛି ଭଗବାନଙ୍କ ସୃଷ୍ଟିର ଶ୍ରେଷ୍ଠ ବରଦାନ। କିନ୍ତୁ ସବୁକିଛି ଥାଇ ବି ଆମ୍ଭମାନଙ୍କ ଭିତରେ ବିଷାଦ କାହିଁକି ସ୍ଥାନ ପାଉଛି। ଜୀବନରେ ଅଭାବ ଯନ୍ତ୍ରଣା, ଅପମାନ ଠାରୁ ଅନେକ ଝଡ଼ଝଞ୍ଜାର ସ୍ଥାନ ରହିଛି। ସବୁଠି ପରିସ୍ଥିତିର ପ୍ରତିକୂଳକୁ ସାମ୍ନା କରି ଜୀବନ ପଥକୁ ଆଗକୁ ମାଡ଼ି ଚାଲିବାର କଥା। ଆମ୍ଭେମାନେ ଚେଙ୍ଗ ଶୋଇଲା ପରି ସବୁକିଛି ଜାଣି ବି ଅଜଣା ପାଲଟୁଛେ। ବିଷାଦର ମୁଖ୍ୟ କ୍ଷେତ୍ର ହେଉଛି ହତାଶବୋଧ ଯାହାକି ଜୀବନର ଶେଷ ରାସ୍ତାରେ ମଣିଷଟିକୁ ପହଞ୍ଚାଇ ଦେଉଛି। ବାସ୍ତବବାଦୀ ଜୀବନରେ ଦରଦାମ୍‌ର ବୋଝ, ପରିବାରକୁ ସମୟ ଦେଇନପାରି ବ୍ୟସ୍ତତାର ମାନସିକତା, କାର୍ଯ୍ୟକ୍ଷେତ୍ରରେ ଗୁରୁଦାୟିତ୍ୱ, ଇପ୍‌ସିତ ବସ୍ତୁ ବା ସମ୍ପତି ନପାଇବା, ତଥାକଥିତ ଭାଗ୍ୟବାଦୀ ଜ୍ୟୋତିଷଙ୍କ ପରାମର୍ଶରେ ଭାଗ୍ୟନାହିଁ ବିଚାର କରିବା ପରି ବିଭିନ୍ନ ପ୍ରକାର ମାନସିକତା କବଳିତ କରୁଛି ଲୋକଚରିତ୍ରକୁ। ସମାଜରେ ବିଷାଦଗ୍ରସ୍ତତା ସବୁଠାରୁ ବଡ଼ ବ୍ୟାଧି ବୋଲି ମହାପୁରୁଷ ସେମାନଙ୍କ ମାର୍ଗଦର୍ଶନରେ କହିଛନ୍ତି। ବିଷାଦତା ଏକ ରୋଗ ନୁହେଁ ବାସ୍ତବରେ ଏହା ଏକ ମାନସିକତା। କ୍ଷୁଦ୍ର କୁଟୀରରେ ରାଜଉଆଁସର ସୁଖ ଜଣେ ପାଇ ନପାରେ କିନ୍ତୁ ଶାନ୍ତି ତ ନିଶ୍ଚିତ ପାଇପାରିବ ! ତେବେ ଏ ସବୁ ଜାଣି କ'ଣ ପାଇଁ ବିଷାଦଗ୍ରସ୍ତ ସମାଜରେ ଆମ୍ଭେମାନେ ଜୀବନ ନିର୍ବାହ କରୁଛେ। ଆସନ୍ତୁ ବିଷାଦଗ୍ରସ୍ତତାକୁ ମନ ଭିତରୁ ଦୂର କରି ଜୀବନକୁ ଭଲ କାମ ପାଇଁ ଭଲ ରାସ୍ତାରେ ନେବା ସହ ବିଷାଦଗ୍ରସ୍ତ ଭାରତକୁ ବଦଳାଇବାରେ ଗୁଣ୍ଡୁଚି ମୂଷା ପରି ଜଣେ ନାଗରିକ ହିସାବରେ ଦାୟିତ୍ୱ ନିର୍ବାହ କରି ସମାଜର କଲ୍ୟାଣ ସାଧିତ କରିପାରିବା।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ଧର୍ମଶାଳା ବ୍ଲକର ଅଗ୍ରଣୀ ସଙ୍ଗଠନ ପ୍ରଗତିଶୀଳ ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଆଦିତ୍ୟ ମାହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. କାମଦେବ ଶତପଥୀ ଉତ୍କଳମଣିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ , ସମ୍ମାନୀୟ ଅତିଥି ଭାବେ ସାମ୍ବାଦିକ ମାନସ ରନ ଜେନା ଓ ମାନସ ରଂଜନ ବିଶ୍ୱାଳ ଯୋଗଦେଇ ଗୋପବନ୍ଧୁଙ୍କ ସେବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ଉପଦେଷ୍ଟା ଦେବବ୍ରତ ରାଉତ ଅତିଥି ପରିଚୟ ଦେଇଥିବା ବେଳେ ସାମାଜିକ କର୍ମୀ ନିରନ ଖିଲାର ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଲେଖକ ଧ୍ରୁବ ଚରଣ ବିଶ୍ୱାଳ, ସାମ୍ବାଦିକ ଅଖିଳ ସ୍ୱାଇଁ, ସାମାଜିକକର୍ମୀ ମକରଧ୍ୱଜ ଦାସ ଓ ମିହିର ଖୁଂଟିଆଙ୍କୁ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସହ ସମ୍ପାଦକ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ । ସେହିପରି ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅ'ର୍ଗତ ଅରଙ୍ଗାବାଦ ଗ୍ରାମରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟ'ୀ ସଭାରେ ରବି ଲାବଣ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପୈତୃକ ଗୃହର ସଂରକ୍ଷଣ ଏବଂ ସଂଗ୍ରହାଳୟ ନିର୍ମାଣ କରାଯିବା ସହିତ ଜନ୍ମ ପୀଠ ସୁଆଣ୍ଡୋ କୁ ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିବାରୁ ଶ୍ରୀ ଲାବଣ୍ୟ ଏଥିପାଇଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । ଭରତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟ'ୀ ସଭାରେ ଅରୁଣ କୁମାର ସ୍ୱାଇଁ, ଚକ୍ରଧର ସାହୁ, ସୁଶା' ସାହୁ, ରଜତ ସାହୁ, ଶ୍ରୀକାନ୍ତ ବାରିକ , ସୁବ୍ରତ କୁମାର ଜେନା, ଅସିତ କୁମାର ଜେନା, କପିଳେନ୍ଦ୍ର ସେଠୀ, ଧିରେନ୍ଦ୍ର ଦାସ, ସୁଶା' ସାହୁ, ସରୋଜ ପଲେଇ ପ୍ରମୁଖ ବହୁ ଯୁବ ନେତା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଯୁବନେତା କିଶୋର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଜାରକାସ୍ଥିତ ଗୋପବନ୍ଧୁ ଛକ ପ୍ରତିମୂର୍ତୀ ନିକଟରେ ଗୋପବନ୍ଧୁଙ୍କ ଜୟ'ୀ ପାଳିତ ହୋଇଯାଇଛି । ଗୋପବନ୍ଧୁ ସ୍ମୃତି କମିଟିର ସଭାପତି କିଶାନ ପଣ୍ଡାଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ସଭାରେ ସମର୍ଥ ସଭାପତି କାହ୍ନୁ ଚରଣ ଦାଶ, କୃଷକ ନେତା ବଟକୃଷ୍ଣ ପରିଡା, ଶିକ୍ଷକନେତା ଯୁଧୀଷ୍ଠିର ସ୍ୱାଇଁ, ଅଧ୍ୟାପକ ପ୍ରଶା' କୁମାର ସାହୁ, ଗାନ୍ଧିବାଦୀ ନେତା ଲକ୍ଷ୍ମୀଧର ନାୟକ, ପୁର୍ବତନ ସମିତିସଭ୍ୟ ନରୋତମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ଜୀବନା ଦର୍ଶନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷକ ନେତା ରମେଶ ରାଉତ, ଅଶହାୟ ବନ୍ଧୁ ପରିବାର ପକ୍ଷରୁ ସଭାପତି କିଶୋର ସାହୁ, ସମ୍ପାଦକ ଗଣେଶ୍ୱର ନାୟକ, କୋଷାଧ୍ୟକ୍ଷ ପୀତବାସ ନାୟକ, ସଦସ୍ୟା କାଦମ୍ବିନୀ ମିଶ୍ର, ତପନ ସାହୁ, ଅଜୟ ସେଠୀ, କୈଳାସ ମହାି, ନାରାୟଣ ପଣ୍ଡା,କପିଳେଶ୍ୱର ରଣା ପ୍ରମୁଖ ଯୋଗଦେଇ ସଫେଇ କାର୍ଯ୍ୟକରିବା ସହ ଚମ୍ପାଚାରା ରୋପଣ କରିଥିଲେ । ସଦସ୍ୟ ଦେବାଶିଷ ପରିଡା ଧନ୍ୟବାଦ ଦେଇଥିଲେ ।

# ଉତ୍କଳମଣି ଗୋପବନ୍ଧୁ ସେବାସଂଘ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସଂସ୍କୃତି ପରିଷଦ ଓ ଉତ୍କଳମଣି ଗୋପବନ୍ଧୁ ସେବାସଙ୍ଘ ମିଳିତ ଆନୁକୁଲ୍ୟରେ ଜାରକାସ୍ଥିତ ସିଭିକ୍ ସେଂଟର ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବକୁ ଅବସରପ୍ରାପ୍ତ ପ୍ରଫେସର ଡ. ନଟବର ଶତପଥୀ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ସିଡିଏମଓ ଡା. ବିଜୟ କୁମାର ଶତପଥୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶତପଥୀ ଯୋଗଦେଇ ପ୍ରତ୍ୟେକ ଓଡିଆଙ୍କ ବୁନିଆଦି ଓ ସ୍ୱାଭିମାନ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଅକ୍ଷୟ କୁମାର ଜେନା ଯୋଗଦେଇ ଗୋପବନ୍ଧୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ପ୍ରବୋଧ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପବନ୍ଧୁଙ୍କ ରଚନାରୁ ପ୍ରାରମ୍ଭିକ ସଙ୍ଗୀତ ସାଇକୃପା, ରତୁପୁର୍ଣ୍ଣା ଓ ସମ୍ପୁର୍ଣ୍ଣା ତ୍ରିପାଠୀ ଗାନ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକା' ଚ୍ୟାଉପଟ୍ଟନାୟକ ମଂଚ ଆମନ୍ତ୍ରଣ କରିଥିବା ବେଳେ ମାଧୁରୀ ଶତପଥୀ, ମିନତୀ ସାହୁ ଓ ତପନ କିଶୋର ଷଡଙ୍ଗୀ ଭଜନ ପରିବେଷଣ କରିଥିଲେ । ଗୋପବନ୍ଧୁଙ୍କ ସମ୍ପର୍କରେ ବଳଦେବଜିୟୁ ହାଇସ୍କୁଲର ଛାତ୍ରୀ ସାଇସୁଲଗ୍ନା ନନ୍ଦ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସ୍କୃତି ପରିଷଦ ପକ୍ଷରୁ ପ୍ରକାଶିତ 'ଲେଖନୀ' ପତ୍ରିକା ଓ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡାଙ୍କ ପ୍ରବନ୍ଧ ପୁସ୍ତକ 'ଅମୃତ ତଟିନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି, ପ୍ରଶଂସା ପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସହ-ସମ୍ପାଦକ ଗଣେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମଇ ୦୪

# ମାନପତ୍ରର ମାନ ରହୁ


ହିମାଂଶୁ ଶେଖର ଆଚାର୍ଯ୍ୟ

ଈଶ୍ୱର ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ପ୍ରତିଭା ଦେଇଛନ୍ତି। ସେଥିପାଇଁ କୁହାଯାଏ ଫୁଲର ବାସ୍ନାଥିଲେ ସେ ମହକିବ ଆଉ ପ୍ରତିଭାଥିଲେ ତାର ଉନ୍ମେଷ ଘଟିବ। ପ୍ରତିଭାର ବିକାଶପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ୍ୟ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏପରିକି ରାଜରାଜୁଡା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା । ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ । କାଳିଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ -ସବୁଠି ସମ୍ବର୍ଦ୍ଧନାର ଏକ ଉଜ୍ଜ୍ୱଳ ପରମ୍ପରା ଥିଲା ।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି । ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ ।ଯେମିତି ହେଉ ପଛେ, ମାନପତ୍ର ଟିଏ ମିଳୁ । ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସକ ,କବି, ସାହିତ୍ୟିକ,ଗାଳ୍ପିକ,ନାଟ୍ୟକାର, କଳାକାର,ସାମ୍ବାଦିକ,ଶିକ୍ଷକ,କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି । ଏହାକୁ ଲକ୍ଷ୍ୟ ରଖି ସଂପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସାଂସ୍କୃତିକ, ସାମାଜିକ ଓ ଭିନ୍ନ ଭିନ୍ନ ସଂଗଠନ ସୃଷ୍ଟି ହେଲାଣି । ସୃଷ୍ଟି ହେବା ବି ଭଲ କଥା । କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ସୁନାମୀ ପରି ଗ୍ରାସ କରିଛି ସମସ୍ତଙ୍କୁ । ସମ୍ବର୍ଦ୍ଧନା ଦେବାପାଇଁ ସଂଗଠନ ଗୁଡିକ ମଧ୍ୟରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ୍ୟ ସେତିକି ଆଗ୍ରହ । ସତେ ଯେମିତି ସମ୍ବର୍ଦ୍ଧନା ଦେବା ଓ ନେବା ଏକ ନିଶା ପାଲଟି ଗଲାଣି । ଏପରିକି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି । ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ। ଏହା ଦ୍ୱାରା ମାନପତ୍ରର ମାନ ହ୍ରାସ ପାଉଛି । ଆଜିକାଲି ସମାଜରେ ମାନପତ୍ର ଦେବା ଓ ପାଇବା ଖୁବ୍ ସହଜ ଓ ସସ୍ତା ହୋଇଯାଇଥିବାରୁ ଅନେକ ଅଯୋଗ୍ୟ ସଂସ୍ଥା ଅଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପରି ମୁଲ୍ୟବାନ ପଦାର୍ଥର ମୂଲ୍ୟ ନଷ୍ଟ କରୁଛନ୍ତି ।ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର । ତାହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ। ତା ନ ହେଲେ ଧୁଆମୂଳା ଓ ଅଧୁଆମୂଳା ସବୁ ସମାନ ହୋଇଯିବେ । ଇଏ ତ ଗଲା ଗୋଟିଏ ଦିଗ। ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ୍ୟ ନିରପେକ୍ଷ ରହିବା ବିଧେୟ । ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି । ଫଳରେ ଅନେକ ସମୟରେ ଯୋଗ୍ୟ ପ୍ରତିଭାଧର ବ୍ୟକ୍ତିମାନେ ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବଞ୍ଚିତ ହେଉଥିବା ବେଳେ ପ୍ରତିଭା ନଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି । ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ । ସେହିପରି ସଂଗଠନ ଗୁଡିକର ଆଭିମୁଖ୍ୟ ମଧ୍ୟ ବିଚିତ୍ର । ଅନୁଷ୍ଠାନ ଗୁଡିକ ନିଜ ନିଜ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବାର ମାନସିକତାରେ ନାହାଁନ୍ତି । ଗାଁ କନିଆଁ ସିଙ୍ଘାଣୀ ନାକି - ପରି ସେମାନେ ଅଲୋଡା, ଅଖୋଜା ହୋଇ ପଡି ରହିଛନ୍ତି ବଣମଲ୍ଲି ପରି। ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ମଧ୍ୟ କୌଣସି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ହେବାପାଇଁ ଯିବା ପୂର୍ବରୁ ତାର ମାନ ଅନୁସାରେ ସମ୍ବର୍ଦ୍ଧିତ ହେବାର ମାନସିକତା ରଖିବା ଦରକାର । ତାହାହେଲେ ସମ୍ବର୍ଦ୍ଧନାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିବ ।

ଆହୁରି ଆଶ୍ଚର୍ଯ୍ୟର କଥା ଭଲ ଶିକ୍ଷକଟିଏ ଏଠି ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାଏ । ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ। ଏହାଠାରୁ ବଳି ଲଜ୍ଜାକର କଥା କ'ଣ ଥାଇପାରେ ? ଏଥିନିମନ୍ତେ ପାଠ ଅପେକ୍ଷା ଶାଠ ଅଧିକ ଦରକାର । ସେଥିପାଇଁ ବିଭିନ୍ନ ପ୍ରମାଣପତ୍ର ଅଣନିଶ୍ୱାସୀ ହୋଇ ଧାଁ ଧପଡ କରି ଯୋଗାଡ କରିବାକୁ ହୁଏ କୃତୀ ଶିକ୍ଷକର ସମ୍ମାନ ପାଇବା ପାଇଁ ।ଏବେ ପୁଣି ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ରହିଛି ।ଏଥିପାଇଁ ସେମାନେ ଆବେଦନ ପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ସେଇ ଏକା ବ୍ୟବସ୍ଥା। ଗୋଟିଏ ପୁରସ୍କାର ଓ ଖଣ୍ଡିଏ ମାନପତ୍ର ପାଇବା ପାଇଁ ବାରଦୁଆର ବୁଲି ଆବେଦନ କରିବାକୁ ହେବ । ବିଚରା ଶିକ୍ଷକଟିଏ ବୋଲି ସିନା ! ସେ ପୁଣି ମଣିଷ ତିଆରିକରେ, ଦେଶର ଭବିଷ୍ୟତମାନଙ୍କୁ ଗଢେ । ସମ୍ବର୍ଦ୍ଧନା ଦେବାର ଏ ବ୍ୟବସ୍ଥା କେବେ ବଦଳିବ କେଜାଣି ? ଶିକ୍ଷକର ପଦମର୍ଯ୍ୟାଦା ରକ୍ଷା ପାଇଁ କଣ ଆଉ କିଛି ବିକଳ୍ପ ବ୍ୟବସ୍ଥାରେ ଭଲ ଶିକ୍ଷକ ଚୟନ କରାଯାଇପାରନ୍ତା ନାହିଁ ? ସବୁଠୁ ବଳି ପଡିଛି ଫଳକ ଲଗାଇ ତାକୁ ଉଦ୍‌ଘାଟନ କରିବାର ପରମ୍ପରା । ତାକୁ ନେଇ ପୁଣି ଅନେକ ସମୟରେ ରାଜନୀତି । ଫଳକ ଲଗାଇବା ପାଇଁ ଯେତିକି ଖର୍ଚ୍ଚ ହୁଏନି, ତାହା ଠାରୁ ଅଧିକ ଖର୍ଚ୍ଚ ହୁଏ ଏଥିପାଇଁ ଆୟୋଜିତ ହେଉଥିବା ସଭା ପାଇଁ । ଯୁଆଡେ ଗଲେ ସିଆଡେ ନାମ ଫଳକ । ସେଥିରେ ପୁଣି କାହା ନାମ ରହିବ ନ ରହିବ ସେଥିପାଇଁ ରାଜନୀତି ଛକାପଞ୍ଝା । ଦିନ ଥିଲା ନାମ ଫଳକଟି ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ଫଳକଟି କାହା ଦ୍ୱାରା ଉଦ୍‌ଘାଟିତ ହୋଇଛି ଲୋକେ ତାକୁ ଆଗ୍ରହର ସହ ପଢୁଥିଲେ ଓ ଦେଖୁଥିଲେ । କିନ୍ତୁ ଅତି ପରିଚୟେ ଗୌରବ ନଷ୍ଟ ଅବସ୍ଥା ଆଜି ପରିଲକ୍ଷିତ ହେଉଛି ନାମ ଫଳକ କ୍ଷେତ୍ରରେ । ଯାହା ହୋଇଗଲା - ହୋଇଗଲା । ଅନ୍ତତଃ ଏଣିକି ଟିକେ ଆମ ଭିତରେ ସଚେତନତା ଆସୁ, ତାହା ନହେଲେ ଦିନ ଆସିବ ଚାରିଆଡେ ଖାଲି ଉଦ୍‌ଘାଟନ ଫଳକ ଥିବ। ଏବେ ପୁଣି ସ୍ଥାପିତ ପ୍ରତିମୂର୍ତ୍ତି ବ୍ୟତିରେକ ବଞ୍ଚିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି । ଖାଲି ସେତିକି ନୁହେଁ ଗାନ୍ଧି, ଉତ୍କଳମଣି, ଉତ୍କଳ ଗୌରବ ଉପାଧିରେ ଭୂଷିତ ଦେବା ପାଇଁ ଉପାଧିଧାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଏପରି ଘଟଣା ପରିଲକ୍ଷିତ ହେଉଛି । ଏହା ଭିତରେ ଅନେକ ଗାନ୍ଧି, ଉତ୍କଳମଣି ଓ ଉତ୍କଳ ଗୌରବ ସୃଷ୍ଟି କରି ସାରିଲୁଣି । ଏପରି କରିବା ଦ୍ୱାରା ଆମେ ସେହି ମହାପୁରୁଷମାନଙ୍କର ଅବମାନନା କରୁନାହେଁ ତ ?

ଏବେ କେତେକସ୍ଥଳରେ ପତିପୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବଦାନ୍ୟତା ଦେଖେଇବା ପଛରେ ନିଜକୁ ବିଜ୍ଞାପିତ କରିବାର ମାନସିକତା ରଖିବା ଲକ୍ଷ୍ୟ କରାଯାଉଛି। ସେହିପରି ଅପାତ୍ରରେ ମଧ୍ୟ ପ୍ରୋତ୍ସାହନ ଓ ମାନପତ୍ର ଦିଆଯାଉଛି । ଯାହାଫଳରେ ମାନପତ୍ରର ମାନ ହ୍ରାସପାଉଛି । କୁହାଯାଏ- ଅପାତ୍ରେ ପରଶଂସା ଦାନ, କାଳେ ଅକାଳେ ମୂଲ୍ୟ ହୀନ। ଏଇଠି ମନେପଡେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଥା। ଶ୍ରୀମନ୍ଦିର ପ୍ରତିଷ୍ଠା ପରେ ଯେତେବେଳେ ସୃଷ୍ଟି କର୍ତ୍ତା ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ମାଗିବାକୁ କହିଲେ ସେତେବେଳେ ଉତ୍ତରରେ ସେ ଯାହା କହିଲେ ତାହା ହେଉଛି- 'ଏ ମନ୍ଦିର ମୋ ବାପା ବା ଜେଜେବାପା କରିଥିଲେ ବୋଲି ମୋ ବଂଶରେ କେହି ନରୁହନ୍ତୁ'। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ। ବଦାନ୍ୟତା ବିଜ୍ଞାପିତ ହେବା ମାନାସିକତା ଭିତରେ ହଜିନଯାଉ ।ସେହିପରି ଅପୂଜ୍ୟମାନଙ୍କୁ ପୂଜା କରିବାବେଳେ ପୂଜ୍ୟ ଲୋକମାନେ ବାଦ୍ ପଡିନଯାଆନ୍ତୁ।

ସମ୍ବର୍ଦ୍ଧନା ଓ ମାନପତ୍ର ଦେବାର ଭାବ ନିଆରା । ପୂଜ୍ୟପୂଜାର ଆଦର ମଧ୍ୟ ରହିବା ଦରକାର । କିନ୍ତୁ ମାନପତ୍ର ଦେବାର ଏକ ନିର୍ଦ୍ଦିଷ୍ଟ ମାନ ରହୁ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ମାନସିକତା ସୃଷ୍ଟି ହେଉ । ଯାହାକି ଉତ୍ତରପିଢି ପାଇଁ ଏକ ଆଦର୍ଶର ଭିତ୍ତିଭୂମି ତିଆରି କରିବ।

ସଭାପତି
ସାରସ୍ୱତ ପରିଷଦ,ଜଗତସିଂହପୁର
ମୋ-୯୯୩୭୧୫୧୦୫୨

# ଭାଇଚାରା ମରିଚିକା


ଭାସ୍କର ବାରିକ୍

ପାଠ ପଢିଲା ବେଳେ ମୋ ପରିବାରର ଆର୍ଥିକ ଦୂରାବସ୍ଥା ପାଇଁ ମୁଁ କିଛି ଘରୋଇ ଟିୟୁସନ୍ କରୁଥିଲି । ଏହା ଭିତରେ ମୁଁ ମୋ ନିଜ ଗୋଡ଼ରେ ଠିଆହୋଇ ଆଗକୁ ଚାଲିଛି । ମୁଁ କାମ କରୁଥିବା ଅଫିସ୍ ରେ କିଛି ଦିନ ପାଇଁ ମୋ ଅଫିସ୍ ମାଲିକ ମୋତେ ଭୁବନେଶ୍ୱରରେ କିଛି ଗୁରୁତ୍ୱପୂର୍ଣ୍ଣ କାମରେ ପଠେଇ ଥିଲେ । ଦିନେ ଭୁବନେଶ୍ୱରରେ ମୁଁ ବରମୁଣ୍ଡା କାଳୀ ମାଆଙ୍କ ମନ୍ଦିର ପାଖରେ ଠିଆହୋଇ ଥାଏ । ସମୟ ଉପର ଓଳି ପାଖାପାଖି ପାଂଚ୍‌ଟା ହେବ । ହଠାତ୍ ଗୋଟିଏ ଦାମୀ ଚାରି ଚକିଆ ଗାଡ଼ି ଆସି ଠିକ୍ ମୋ ପାଖରେ ଅଟକିଲା । ମୁଁ କିଛି ଭାବିବା ପୂର୍ବରୁ ଜଣେ ସୁନ୍ଦର ଡେଙ୍ଗା ଯୁବକ ଗାଡିରୁ ଓହ୍ଲେଇ ମୋ ପାଦ ଛୁଇଁଲେ । ମୋ ପାଟିରୁ ଆପଣାଛାଏଁ ବାହାରିଗଲା,ଆରେ ଅଶ୍ରଫ , କେମିତି ଅଛ । ଦୀର୍ଘ ଦିନ ପରେ ତମ ସହ ଦେଖା । ଏହାରି ଭିତରେ ଅଶ୍ରଫର ବାପା ବି ଗାଡିରୁ ଓଲ୍‌ହେଇଲେ । ତାଙ୍କୁ ଦେଖି ମୁଁ ହାତଯୋଡି ନମସ୍କାର କଲି । ସେ କିନ୍ତୁ ମୋତେ କୁଣ୍ଢେଇ ପକେଇ କହିଲେ, ଗାଡ଼ିରେ ବସନ୍ତୁ ଘରକୁ ଯିବା । ମୁଁ କିଛି କାମର ବାହାନା କଲି । ସେ କିନ୍ତୁ ଛାଡ଼ିବା ଲୋକ ନୁହଁନ୍ତି । ସିଧା କଥା ଆପଣ ଆମ ସାଙ୍ଗରେ ଆମ ଘରକୁ ଯିବେ। ଅନେକ ବର୍ଷ ପରେ ଦେଖା । ଆଜି ରାତିରେ ଆମ ଘରେ ଡିନର କରି ଆସିବେ । ମୁଁ ଆଉ କିଛି ନକହି ଗାଡ଼ିରେ ବସିଲି ଓ ସେମାନଙ୍କ ସହ ତାଙ୍କ ଘରକୁ ଗଲି । ମୋତେ ଦେଖି ମାଉସୀ ଏତେ ଖୁସି ଯେ, ଜଣେ ମାଆର ଖୁସି ମୁଁ ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ । ମୋତେ ସରବତ ଦେଲେ ପିଇବା ପାଇଁ, ଶାନ୍ତିରେ ପିଇଲି । ତାପରେ ଆରମ୍ଭ ହେଲା ରାତି ଭୋଜନର ଆୟୋଜନ । ମୁଁ ଶୁଣି ପାରୁଥିଲି, ମାଉସୀ ମଉସାଙ୍କୁ କହୁଥିଲେ,' ମେରା ବେଟା ଆୟା ହେ, ମଟନ ବିରିଆନି ତୋ ବନ୍ତା ହେ' । ଏହାରି ଭିତରେ ପାଖ ଟେବୁଲରେ ଥୁଆ ଯାଇଥିବା ହିନ୍ଦୁ ଧର୍ମର ପବିତ୍ର ଗୀତା ବହିଟି ଉପରେ ମୋ ନଜର ପଡ଼ିଲା । ମୁସଲମାନ ଘରେ ଗୀତା !!! ଆଶ୍ଚର୍ଯ୍ୟଜନକ କଥା । ଠିକ୍ ଏଇ ସମୟରେ ଅଶ୍ରଫର ଆବା ଆସି ମୋ ପାଖରେ ବସିଲେ । ମୁଁ ତାଙ୍କୁ ପଚାରିଲି ଆପଣଙ୍କ ଘରେ ହିନ୍ଦୁ ଧର୍ମର ପବିତ୍ର ଗୀତା । କ'ଣ ଆପଣ ପଢନ୍ତି । ସେ ଠୋ ଠୋ ହୋଇ ହସିଲେ । ହସ ବନ୍ଦ୍ କରି ମୋତେ କହିଲେ, ବିଶ୍ୱର ସମସ୍ତ ସମସ୍ୟା ଓ ସମାଧାନର ଗୁରୁଜ୍ଞାନ ଗୀତାରେ ରହିଛି । ଯଦିଓ ମୁଁ ଜନ୍ମଗ୍ରହଣ କରିଛି ମୁସଲମାନ ପରିବାରରେ, ମୁଁ କିନ୍ତୁ ବେଶି ପଢେ ଗୀତା, ଭାଗବତ, ରାମାୟଣ,ମହାଭାରତ ଭଳି ପବିତ୍ର ଗ୍ରନ୍ଥ । ଏଇଟା ମୋର ନିତି ଦିନିଆ ଅଭ୍ୟାସ । ଏହି ସବୁ ଅମୂଲ୍ୟ ବହି ପଢି ମୁଁ ଯେଉଁ ଶାନ୍ତି ପାଉଛି, ତାହା ଅବର୍ଣ୍ଣନୀୟ । ମୁଁ ଆଶ୍ଚର୍ଯ୍ୟ ହେଲି । ମଉସା କହି ଚାଲିଲେ ଆଉ ମୁଁ ଗୋଟେ ବିଜ୍ଞ ଶ୍ରୋତା ଭଳି ତାଙ୍କ କଥା ଶୁଣୁଥିଲି ।

--- ମୁଁ ବାଇବେଲ ପଢିଛି,କୋରାନ ପଢିଛି, ହିନ୍ଦୁ ଧର୍ମର ଗୀତା ସହିତ ଆଉ କିଛି ମହାକାବ୍ୟ ପଢିଛି । ସତକଥା କହିବାକୁ ଗଲେ, ଗୀତା ପଢି ବୁଝିଲା ପରେ ମୋ ଆଖିରୁ ନିଗିଡ଼ି ପଡ଼ ? ଧାର ଧାର ଲୁହ । ମୋତେ ଲାଗେ ଯେମିତି ଭଗବାନ ଶ୍ରୀକୃଷ୍ଣ ମୋ ଅନ୍ତର ଭିତରେ ମୋତେ ଏକ ଅଲଗା ଦୁନିଆକୁ ବାଟ ଦେଖଉଛନ୍ତି ଯେଉଁଠି ଅଛି ଶାନ୍ତି ଓ ଶାନ୍ତି । ହଁ , ବେଳେ ବେଳେ ଏମିତି ବି ଲାଗେ ଯେମିତି ଭଗବାନ ମୋତେ ବିଧର୍ମୀ ଓ ଅହଂକାରୀ ମାନଙ୍କ ବିରୋଧରେ ଅସ୍ତ୍ର ଉଠେଇବାକୁ ଆହ୍ୱାନ ଦେଉଛନ୍ତି ଯେମିତି ମହାଭାରତ ଯୁଦ୍ଧରେ ବିବଶ ଅର୍ଜୁନଙ୍କୁ ଗାଣ୍ଡିବ ଉଠେଇ ଯୁଦ୍ଧ କ୍ଷେତ୍ରରେ ପାପି ମାନଙ୍କର ବିନାଶ ପାଇଁ ଆହ୍ୱାନ ଦେଇଥିଲେ । ସନାତନ ଧର୍ମ ତ ସମ୍ବେଦନଶୀଳତା, ସହନଶୀଳତା ,ଭଲପାଇବା, ପରୋପକାର, ପରକୁ ଆପଣେଇ ନେବା, ସେବା କରିବା, ଅନ୍ୟର ବିଶ୍ୱାସକୁ ସମ୍ମାନ ଦେବା, ଦୟା, ଶ୍ରଦ୍ଧା, କ୍ଷମା, ଶାନ୍ତି ପ୍ରୀତି ମୈତ୍ରୀ ରେ ବିଶ୍ୱାସ କରେ । ବିଶ୍ୱାସ କରେ 'ବସୁଧୈବ କୁଟୁମ୍ବକମ୍ ନୀତି' ରେ । କିନ୍ତୁ ଦୁର୍ଭାଗ୍ୟ ଏହି ପବିତ୍ର ମାଟିରେ ଜନ୍ମ ହୋଇ କିଛି ଲୋକ ସନାତନ ଧର୍ମ ଓ ସନାତନୀ ମାନଙ୍କୁ ଖତମ୍ କରିବାର ଖୁଲମଖୁଲା ଧମକ ଦେଉଛନ୍ତି । ସେମାନେ ହିନ୍ଦୁକୁ ଗୋଟିଏ ଧର୍ମ ବୋଲି କହନ୍ତି, ମୁଁ କହେ, ତାହା ଗୋଟିଏ ସଭ୍ୟତା । ସଭ୍ୟତା ବିଷୟରେ ଅନେକେ କିଛି ଜାଣି ନାହାଁନ୍ତି । ସେମାନେ କୂଅ ଭିତରେ ବେଙ୍ଗ ପରି ଜୀବନ ଜିଇଁବା ଶିଖି ଛନ୍ତି। କୂଅ ବାହାରେ ଆଲୋକ , ଫାଙ୍କା ଇଲାକା , ବିଶାଳ ଆକାଶର ନିଳିମା । ସେଥିରେ ଯିଏ ବିଚ଼ରଣ କରିନାହିଁ, ସେ କୂଅ ଭିତରଟା ହିଁ ଏକମାତ୍ର ପୃଥିବୀ ବୋଲି କହିବ। ସତକଥା ହେଲା ଛୋଟବେଳୁ ଯେଉଁମାନଙ୍କୁ ଯେମିତି ଶିକ୍ଷା ଦିଆ ଯାଇଛି, ସେମାନେ ସେହି ଅନୁସାରେ କାର୍ଯ୍ୟ କରିବେ । କିଛି ଲୋକଙ୍କ ମୁଣ୍ଡକୁ ଚ଼ାଟି ଚ଼ାଟି ସଫାକରି ଭୁଲ୍ ରାସ୍ତାରେ ନିଆ ଯାଉଛି । ଅତ୍ୟନ୍ତ ଭୁଲ୍ ଚିନ୍ତାଧାରାକୁ ଖୁନ୍ଦି ଖୁନ୍ଦି ସେମାନଙ୍କ ମନରେ, ହୃଦୟରେ ଓ ମୁଣ୍ଡରେ ଭର୍ତ୍ତି କରି ଦିଆଯାଉଛି । ଯେଉଁ ଲୋକମାନେ ଏମିତି କରୁଛନ୍ତି, ସେମାନଙ୍କୁ ନିଜର ଡି.ଏନ.ଏ. ବିଷୟରେ କିଛି ବୋଧହୁଏ ଜଣାନାହିଁ । ଅବଶ୍ୟ ମଣିଷର ଭ୍ରମକୁ ସଂଶୋଧନ କରିହେବ। ମାତ୍ର କିଛି ଏକଜିଦିଆ ଲୋକଙ୍କୁ ବୁଝେଇବା ଭାରି କଠିନ। ଥରେ ୟୁ ଟ୍ୟୁବ୍ ରେ ହାଇଦ୍ରାବାଦର ଜଣେ ବ୍ୟକ୍ତି ଆଶ୍ଚର୍ଯ୍ୟଜନକ ମନ୍ତବ୍ୟ ଦେଉଥିବାର କଥା ଶୁଣିଲି । ସେ ବଡ଼ ପାଟିରେ ଗୋଟିଏ ସଭାରେ କହୁଥିଲେ ଆମେ ଏ ଦେଶରୁ ଯଦି କୁତବମିନାର, ତାଜମହଲ ନେଇଯିବୁ, ତାହେଲେ ଏ ଦେଶରେ ଆଉ ରହିବ କ'ଣ ? ଏମିତି ଅହଂକାରୀ ଲୋକକୁ କେଉଁ ଭାଷାରେ ଜବାବ ଦିଆଯିବା ଦରକାର, ଆପଣ ଚିନ୍ତା କରନ୍ତୁ । ଭାରତ କହିଲେ ସେ ଲୋକ ବୁଝିଛି ଯେ କିଛି ଭଲ ଭଲ ଗୃହ, ଶିଳ୍ପ କାରଖାନା, ଯାହାକୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଉଠେଇ ନେଇହେବ। ବ୍ୟକ୍ତି ଜଣକ ବୋଧହୁଏ ଭାବୁଛି କେବଳ କୁତବମିନାର ଓ ତାଜମହଲ ହିଁ ଭାରତ । ଏଭଳି କିଛି ମନୁମେଣ୍ଟ କୁ ଛାଡିଦେଲେ ଆଉ ଭାରତରେ କିଛି ନାହିଁ । ଅଜ୍ଞତା ବଶତଃ ସେ ଜାଣିନି ତାଜମହଲ ଓ କୁତବମିନାର ସିନା ଭାରତରେ ତିଆରି ହୋଇଛି, ହେଲେ ସେଗୁଡ଼ିକ ଭାରତୀୟ କାରିଗର ମାନଙ୍କ ଦ୍ୱାରା ଓ ଭାରତରେ ଉପଲବ୍ଧ ଶଙ୍ଖ ମଲମଲ ପଥରରେ ହିଁ ତିଆରି ହୋଇଛି। ସେ ଲୋକ କିଛି ନଜାଣି, ଇତିହାସ ନପଢି, ମନକୁ ଯାହା ଆସୁଛି, କହି ଚାଲୁଛି । ଏପରି କଥା ଶୁଣିଲେ ଲାଜ ଲାଗେ। ଏଇଟା କେବଳ ଇତିହାସ ନୁହେଁ, ମଣିଷପଣିଆ ଓ ଭାଇଚାରାର ମଧ୍ୟ ପରିପନ୍ଥୀ । ନିଜେ ତ ଅଜ୍ଞାନ, ଅନ୍ୟ ମଣିଷ ମାନଙ୍କୁ ବି ଅଜ୍ଞାନ ଓ ଅମଣିଷ ପଣିଆ ରାସ୍ତାରେ ଯିବାକୁ ପ୍ରବର୍ତ୍ତଉଛନ୍ତି । କଁଅଳ ବୟସର ନୀରୀହ ପିଲାମାନଙ୍କୁ ଯଦି ମୂଳରୁ ଭ୍ରମାତ୍ମକ ଶିକ୍ଷା ଦେଇ ଭୁଲ୍ ବାଟରେ ନିଆଯାଏ, ତେବେ ଏଇଭଳି ଭ୍ରମରେ ସେମାନେ ନିଶ୍ଚୟ ପଡିବେ । ଅଶ୍ରଫର ବାପା କହୁଥାନ୍ତି, ମୁଁ ଶୁଣୁଥାଏ।

-- ତମେ ଯାହାଙ୍କୁ ଡାକୁଛ, ଯାହାକୁ ପ୍ରାର୍ଥନା କରୁଛ, ସେ କଣ ଏ ବିଶ୍ୱରେ କେବଳ ଗୋଟିଏ ଦେବତା ? ତାଙ୍କ ବ୍ୟତୀତ ବିଶ୍ୱରେ ଆଉ କୋ ?ଣସି ଦେବାଦେବୀ ନାହାଁନ୍ତି ବୋଲି ଚିଲେଇ ଚିଲେଇ ଯେଉଁମାନେ କହୁଛନ୍ତି, ସେମାନଙ୍କୁ ଆମେ ଉଦ୍ଭ୍ରାନ୍ତ ବୋଲି କହିବା। ଏଠି ମାନସିକତା ତ୍ରୁଟିପୂର୍ଣ୍ଣ ନୁହେଁତ ଆଉ କଣ ? କେହି ଯଦି ହନୁମାନ ଚାଳିଶା, ବିଷ୍ଣୁ ସହସ୍ରନାମ ସ୍ତୋତ୍ର ଭଳି ପବିତ୍ର ମନ୍ତ୍ର ମାଇକ୍ ଲଗେଇ ଗାଇଲା, ତାହାଲେ ଆଉ କାହାର ଧର୍ମୀୟ ଭାବନାକୁ କୁଆଡେ ଖୁବ୍ ବାଧୁଛି । ତମେ ଯାହା କରିବ, ସେଇଟା ଠିକ୍, ଅନ୍ୟ ଜଣେ ଯଦି ତା'ର ନିଜର ବିଶ୍ୱାସ ଓ ଭକ୍ତି ପ୍ରଦର୍ଶନ କରୁଛି, ସେଇଟା ଭୁଲ୍ ? ଯେଉଁମାନେ ତମ ଧର୍ମ ଓ ବିଶ୍ୱାସକୁ ମାନିବେ ନାହିଁ, ସେମାନେ ତମ ଆଖିରେ ହୀନ, ସେମାନଙ୍କୁ ଧରାପୃଷ୍ଠରୁ ବିଦାୟ ଦେଇଦିଅ। ତାଙ୍କର ଜିଇଁବାର ଅଧିକାର ନାହିଁ । ଇଏ କି ପ୍ରକାର କଥା ? ଜିହାଦ୍ ମାନେ ଆମ ଭିତରେ ଥିବା ଲୋଭ,ହିଂସା,ଗର୍ବ, କ୍ରୋଧ ଅହଂକାର ଭଳି ଖରାପ ଗୁଣକୁ ହତ୍ୟା କରିବା । କିନ୍ତୁ ଦୁର୍ଭାଗ୍ୟକୁ କିଛି ଲୋକ ଜିହାଦର ଭୁଲ୍ ଅର୍ଥ ବାହାର କରି ଯାହା କରୁଛନ୍ତି ଦୁନିଆ ଦେଖୁଛି । ବିଶ୍ୱରେ ସବୁଠି ଏଭଳି ଜଙ୍ଗଲି ମନୋଭାବର ଲୋକ ଧର୍ମର ଦ୍ୱାହି ଦେଇ ବିଭିନ୍ନ ପ୍ରକାର ନାଟକ କରୁଛନ୍ତି ।

ମୁଁ ନୀରବରେ ବସିଥାଏ। ମଉସା କହିଚାଲିଥାନ୍ତି।

-- ଅସଭ୍ୟତା ଓ ଅମଣିଷ ପଣିଆର ଗୋଟେ ସୀମା ଅଛି , କିନ୍ତୁ ଏଭଳି ଲୋକ ସବୁ ସୀମାରେଖା ଡେଇଁ ପଶୁତ୍ୱକୁ ଆଦରି ନେଉଛନ୍ତି । ଆମେମାନେ ବୁଝିବା କଥା ଯେ ଆମେ ପରସ୍ପରର ପର୍ବପର୍ବାଣୀ ଯାନିଯାତ୍ରାରେ କୌଣସି ଅସୂୟା ନରଖି ଶୁଭେଚ୍ଛା ଜଣେଇବା ଉଚିତ । ଏଥିରେ ପାପ ଲାଗେନି । ସଂକୀର୍ଣ୍ଣତା ହିଁ ପାପ , ନୀଚ଼ ମନା ହେବା ହିଁ ପାପ । ମୋର ଗୋଟିଏ କଥା ମନେ ପଡିଲା । ଥରେ ଜଣେ ଦାଢି ରଖିଥିବା ଓ ନିଜକୁ ମହାଜ୍ଞାନୀ ବୋଲାଉଥିବା ବ୍ୟକ୍ତି ଋକ୍ ବେଦ ଉପରେ କିଛି ନକରାତ୍ମକ ଟିପ୍ପଣୀ ଦେଲେ ଏକ ଟିଭିରେ , ସେହି ଟିଭି ଚ୍ୟାନେଲରେ ଆଲୋଚ଼ନାରେ ଭାଗ ନେଇଥିବା ଜଣେ ମହିଳା ଏମିତି ସେ ଦାଢିଆକୁ ଧୋଇଲେ, ବିଚ଼ରା ଆଉ କିଛି କହି ପାରିଲାନି । ମହିଳା ଜଣକ ଦାଢିଆ ଲୋକକୁ କହିଲେ, ଆପଣ ଯାହା କହୁଛନ୍ତି ଋକ୍ ବେଦରେ କେଉଁଠି ଲେଖା ଯାଇଛି ଦେଖାନ୍ତୁ ଓ ଶ୍ଲୋକ ପଢ଼ନ୍ତୁ । ଶ୍ଲୋକ ଜଣା ନଥିଲା, ତେଣୁ ଯବାବ ମିଳିଲା ନାହିଁ । 'ମାଗି ଆଣିଲା ତିଅଣ ସୁତୁକେ' ଭଳି ବିଚ଼ରାର ପାଟି ଚୁପ୍ । ମୋ କଥା ଶୁଣି ମଉସା ହସିଲେ ଗୋଟେ ମନଖୋଲା ହସ । ତା'ପରେ ମଉସା ପୁଣି କହିଲେ, ସୁପ୍ରିମକୋର୍ଟରେ ଓକିଲାତି କରୁଥିବା ଜଣାଶୁଣା ଓକିଲ ନାଜିଆ ଖାଁ ମାଡାମଙ୍କର ଅନେକ ମନ୍ତବ୍ୟ ଆପଣ ସୋସିଆଲ ମିଡ଼ିଆ ଓ ବିଭିନ୍ନ ଚ଼ାନେଲରେ ନିଶ୍ଚିତ ଦେଖିଥିବେ ଓ ଶୁଣିଥିବେ । ତାଙ୍କର ସତ୍ୟ ଉପରେ ପର୍ଯ୍ୟବେଶିତ ଓ ତଥ୍ୟ ସମ୍ବଳିତ ରୋକ୍ ଠୋକ୍ କଥାବାର୍ତ୍ତା ମୋତେ ବେଳେ ବେଳେ ଆଶ୍ଚର୍ଯ୍ୟ କରେ । ମୁଁ ଆଶ୍ଚର୍ଯ୍ୟ ହୁଏ ଏଥିପାଇଁ ଯେ ସେ ରଙ୍ଗ ବଦଳଉଥିବା ଏଣ୍ଡୁଅ ମାନଙ୍କ ଉପରେ ଏମିତି କେମିତି ଯୋରଦାର ପ୍ରହାର କରନ୍ତି , ଯାହା ସତ ସତ ଓ ସତ । ଏମିତି ସତକଥା କହନ୍ତି ଯାହା ତୀର ଭଳି ସିଧା ଧର୍ମର ଠିକାଦାର ମାନଙ୍କ କଳିଜାରେ ବାଜେ । ସତକଥା ଶୁଣିବାକୁ ସମସ୍ତଙ୍କର ସତ୍ ସାହସ ନ ଥାଏ । ସତକଥା କହି , ଭୁଲ୍ କୁ ଠିକ୍ କରିବାର ଚେଷ୍ଟାରେ ସଲମାନ୍ ରଶଦୀ ଓ ତସଲିମା ନଶରିନଙ୍କୁ ନିଜ ଭିଟାମାଟି ଛାଡିବାକୁ କିଛି ଶକ୍ତି ବାଧ୍ୟ କରିଛନ୍ତି । ଯେଉଁମାନେ ଏମିତି କରୁଛନ୍ତି, ସେମାନେ ମନେ ରଖିବା ଉଚିତ୍ ଯେ ନଦୀ ଯେଉଁଠୁ ଉତ୍ପତ୍ତି ହେଇଥାଉ ନା କାହିଁକି, ଲକ୍ଷ୍ୟସ୍ଥଳ କିନ୍ତୁ ଗୋଟିଏ, ଲକ୍ଷ୍ୟ ହେଉଛି ସମୁଦ୍ରରେ ମିଶିବା । ଠିକ୍ ସେମିତି ଯିଏ ଯେଉଁ ଧର୍ମରେ ଦୀକ୍ଷିତ ହେଉ ବା ବିଶ୍ୱାସ କରୁ, ଜୀବନ ଶେଷ ହେଲେ ସବୁ ଶେଷ । ମଲା ପରେ ମଣିଷ ଉପରକୁ ଯାଏ କି ତଳକୁ ଯାଏ, କିଏ ଦେଖିନି କି ଜାଣିନି। ଉପରେ ସତରେ କ'ଣ ଅଛି ଆମେ କେହି ଜାଣି ନାହାଁନ୍ତି । ଆମେ ଖାଲି ବିଶ୍ୱାସ କରନ୍ତି ଯେ ଉପରେ ସର୍ବଦ୍ରଷ୍ଟା ସର୍ବଶକ୍ତିମାନ ଈଶ୍ୱର, ଆଲ୍ଲା, ଯିଶୁ, ଗୋ ?ତମ ବୁଦ୍ଧ ଓ ଦେବାଦେବୀ ରହନ୍ତି ଯେଉଁମାନେ ଆମର କର୍ମ ଯେମିତି ହେବ, ଆମକୁ ସେମିତି ଫଳ ଦେବେ । ହୀନ କର୍ମ, କୁକର୍ମ, ଅପକର୍ମ, ପାପ, ହତ୍ୟା , ବ୍ୟଭିଚ଼ାର କରିଥିଲେ ନର୍କ ଯନ୍ତ୍ରଣା ଓ ସୁକର୍ମ କରିଥିଲେ, ମୁକ୍ତିର ମାର୍ଗ ଖୋଲା । ମୋ ମତରେ ତ ଏଇଠି ସ୍ୱର୍ଗ, ଏଇଠି ବି ନର୍କ । ଯଦି ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ଆମେ ସ୍ନେହ ଶ୍ରଦ୍ଧା ଭଲପାଇବା ଭାଇଚ଼ାରା ଭିତରେ ଜିଇଁବାକୁ ଚେଷ୍ଟା ନକରି, ଘୃଣା ଓ ପାପ କର୍ମରେ ବୁଡ଼ି ରହିବା, ତାହେଲେ କଥା ସରିଲା । ନିଜର ସଂଖ୍ୟା ବଢେଇବା ପାଇଁ ଦଶ ପଚ଼ାଶ ପିଲା ଜନ୍ମ କରି ଲାଭ କ'ଣ ଯଦି ଆମେ ସେମାନଙ୍କୁ ଠିକ୍ ଖାଇବା ପିଇବାକୁ ଦେଇ ପାରିବାନି, ଭଲ ଶିକ୍ଷା ଦେଇ ପାରିବାନି । ଜଣେ ଅନ୍ୟ ଜଣକୁ ବାରମ୍ବାର ଦିନକୁ ପାଂଚ଼ ଦଶଥର ଆଘାତ ଦେଲେ, ନିଜର ଆତ୍ମ ବଡ଼ିମା ଦେଖେଇ ଚାଲିଲେ, ପିଡ଼ିତ ଲୋକ ଆଜି ନହେଲେ ବି କାଲି ତା'ର ସଠିକ୍ ଯବାବ ଦେବାକୁ ନିଶ୍ଚୟ ଆଗେଇ ଆସିବ । ଆଉ ତା'ପରେ ଯାହା ହେବ, କହିବାର ଆବଶ୍ୟକତା ନାହିଁ। ଜନ୍ମ ମୃତ୍ୟୁର ଚକ୍ର ଭିତରୁ ରକ୍ଷା ପାଇବାର ବାଟ ହେଲା ସୁକର୍ମ, ପରୋପକାର, ସେବା, ଦାନଧର୍ମ, ଯୋଗ ସାଧନା ଓ ଶୁଦ୍ଧ ମନରେ ଈଶ୍ୱର ଚିନ୍ତନ । ଏକଥା ସତ୍ୟ ଯେ ଆକାଶରେ ଯେମିତି ଗୋଟିଏ ସୂର୍ଯ୍ୟ ଓ ଗୋଟିଏ ଚନ୍ଦ୍ର ଆମେ ଦେଖୁ , ସେମିତି ଈଶ୍ୱର ଏକ ଓ ଅଭିନ୍ନ । ଯେଉଁ ପଣ୍ଡିତମାନେ ଏକଥାକୁ ବୁଝି ନାହାଁନ୍ତି, ସେମାନଙ୍କ ପାଖରୁ ଭାଇଚ଼ାରା ଆଶା କରିବା ଆକାଶ କଇଁଆ ଚ଼ିଲିକା ମାଛ ପରି । ଯେଉଁମାନେ ଜାଣିଶୁଣି ବିଷାକ୍ତ ବିଷମୟ ପରିବେଶ ତିଆରି କରୁଛନ୍ତି , ସେମାନଙ୍କ ଭବିଷ୍ୟତ ନିଶ୍ଚିତ ଅନ୍ଧାରିଆ ସୁଡ଼ଙ୍ଗ ଆଡକୁ । ସେମାନଙ୍କ ପାଖରୁ ଭାଇଚ଼ାରା ଆଶା କରିବା ମରିଚ଼ିକା ସଦୃଶ ଓ ସେମାନଙ୍କୁ ଭାଇଚ଼ାରାର ପାଠ ପଢେଇବା ମରିଚ଼ିକାମୟ ଉତ୍ତପ୍ତ ଇଲାକାରେ ପାଣି ଖୋଜିବା ସଦୃଶ । ସାର୍, ଆପଣ ମୋ ପୁଅ ଅଶ୍ରଫକୁ ଯେଉଁ ମାନବବାଦ ଓ ମଣିଷ ପଣିଆ ଶିକ୍ଷା ଦେଇଛନ୍ତି, ସେ ସେହି ବାଟରେ ଚ଼ାଲିଛି । ଉପରବାଲାଙ୍କ ଦୟାରୁ ସେ ଯେମିତି ଭଲ ମଣିଷ ହୋଇ ଏ ଦେଶର ନାଁ ଉଜ୍ଜ୍ୱଳ କରୁ , ମୋର ଉପରବାଲାଙ୍କୁ ଏତିକି ଗୁହାରି ।

ଏହି ଆଲୋଚ଼ନା ଭିତରେ ରାତି ପାଖାପାଖି ଆଠଟା ବାଜି ସାରିଥିଲା । ମାଉସୀ ରୋଷେଇ ଘରୁ ଡାକ ଛାଡ଼ିଲେ , ଏବେ ଗପ ସେତିକି ଥାଉ । ହାତ ଧୋଇ ଖାଇବା ଟେବୁଲ୍ ପାଖକୁ ଆସନ୍ତୁ ।

ମୋ ଆଖିଟା ପେଣ୍ଡୁଲମ ଭଳି ମଉସାଙ୍କ ମୁହଁ ଓ ଗୀତା ପୁସ୍ତକ ମଧ୍ୟରେ ଦୋଳି ଖେଳୁଥିଲା।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୭୩୨୦୩୫୦*

# ପରମାଙ୍କ ସାନିଧ ପାଇବା କେମିତି ! (୨)


ପଙ୍କଜ କୁମାର ପାଣିଗ୍ରାହୀ

କୌଣସି କ୍ରିୟାର ପ୍ରତିକ୍ରିୟା ରହିଥିବା ବିଷୟ ଆମେ ସମସ୍ତେ ଜାଣୁ । ଗୋଟିଏ ଉଦାହରଣ ନେଇ ଦେଖିବା ଯେ ଯେତେବେଳେ ଶିଳ୍ପୀ ତାର ପୁଅକୁ କାରୁକାର୍ଯ୍ୟ ଶିକ୍ଷା ଦେଇଥାଏ ତାହା ତାକୁ ଅନେକ ବର୍ଷ ପର୍ଯ୍ୟନ୍ତ ଶିକ୍ଷା କରିବାକୁ ପଡିଥାଏ । ପ୍ରାପ୍ତ ବୟସ ହେବା ବେଳକୁ ଅର୍ଥାତ ପ୍ରାୟତଃ ୫-୧୦ ବର୍ଷ ପର୍ଯ୍ୟନ୍ତ ସେହି ଶିକ୍ଷା ଅର୍ଜନ ସମାପ୍ତ କରିବା ପରେ ସମ୍ପୃକ୍ତ ବାଳକଟି ଜୀବନ ଶେଷ ପର୍ଯ୍ୟନ୍ତ ତାହାର ଲାଭ ଉଠାଇ ଥାଏ । ଠିକ୍ ସେହି ଭଳି ଗୁରୁ ଭଳି ଅଭିନୟ କରୁଥିବା ମଣିଷଟି ପ୍ରଥମେ ସେହି କାର୍ଯ୍ୟରେ ଲିପ୍ତ ରହି କୌଣସି ଗୋଟିଏ ଦିନ ସମସ୍ତଙ୍କୁ ମୋହିତ କରିବା ଶିକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସେହି ଗୋଟିଏ ମାଧ୍ୟମକୁ ଅସ୍ତ୍ର କରି କେବଳ ଜୀବନ ସାରା ରୋଜଗାର କରି ନିଜସ୍ୱ ସ୍ୱାର୍ଥ ହାସଲ କରିବା ଲକ୍ଷ ରଖି ପ୍ରତାରିତ କରିଥା'ନ୍ତି ଶିଷ୍ୟଙ୍କୁ । ଶିଷ୍ୟ କି'ନ୍ତୁ ଆଉ କିଛି ଦିନ, ଦଣ୍ଡ, ବର୍ଷ ପରିବର୍ତ୍ତେ ଜୀବନ ଶେଷ ପର୍ଯ୍ୟନ୍ତ ଗୁରୁଙ୍କ ଠାରୁ ସେହି ଶିକ୍ଷା ଲାଭ କରି ଭଗବାନଙ୍କ ସାନିଧ ଲାଭ କରିବା ଲକ୍ଷ ରଖି ଜୀବନ ସମାପ୍ତି କରିଥା'ନ୍ତି ! କି'ନ୍ତୁ କେବେହେଲେ ଶିଷ୍ୟ ଗୁରୁ ତୁଲ୍ୟ ହୋଇ ପାରନ୍ତି ନାହିଁ ! ଅଧିକ'ନ୍ତୁ ଇତି ମଧ୍ୟରେ ଗୁରୁଙ୍କୁ ନିର୍ଦ୍ଦିଷ୍ଟ ସମୟ କ୍ରମରେ କିଛି କିଛି ଦାନ ଧର୍ମ କରାଯାଉଥିବା ବିଷୟରୁ ଆଦୌ ନିବୃତ ରହିନଥା'ନ୍ତି ।

ବର୍ତ୍ତମାନ କଥା ଉଠିଲା ଯେ ଯେଉଁ ମଣିଷଟି ଦିନେ କୌଣସି ଗୁରୁର ମାନ୍ୟତା ପାଇନଥିଲା ଆଜି ସେ ଜଣେ ଗୁରୁ ଭଳି ପ୍ରବଚନ ଦେବା ଶିକ୍ଷା କଲା କିପରି ଯାହା କୋଟି କୋଟି ଲୋକଙ୍କୁ ବିତରଣ କରାଯାଉ ଅଛି ଯେଉଁ ମାନେ ଜୀବନରେ କେବେହେଲେ ସେହି ଗୁରୁ ଭଳି ପରିଗଣିତ ହେବେ ନାହିଁ । କାହିଁକି ??! ଆଉ ସେହି ମଣିଷଟି କେମିତି ଗୁରୁ ସ୍ଥାନରେ ଆସି ପହଂଚି ପାରିଲା ଯାହା ଆଉ ଜଣେ ସାଧାରଣ ମଣିଷ ନହୁଅଇ । ଭଗବାନ କି'ନ୍ତୁ ସମସ୍ତଙ୍କୁ ସମାନ କରି ଜନ୍ମ ଦେଇଥା'ନ୍ତି । ହେଲେ ଜଣେ କେମିତି ଗୁରୁ ହେବ ଏବଂ ଆଉ ଜଣେ ତାହାର ଶିଷ୍ୟ ?! କାହିଁକି ?! ତାହାର ଉତ୍ତର କେହି ଖୋଜନ୍ତି ନାହିଁ । କାରଣ ସ୍ୱଳ୍ପ ରାସ୍ତାରେ ଅଧିକ ଲାଭ ଉଠାଇବା ବିଚାର ମଣିଷକୁ ସବୁବେଳେ ସେମିତି ଶିଷ୍ୟ କରି ରଖିଥାଏ ଯାହା କୌଣସି ଫଳ ପ୍ରାପ୍ତି ହେବାର ସୁଯୋଗ ସୃଷ୍ଟି ନକରି ବରଂ ନିଜକୁ ନିଜେ ପ୍ରତାରିତ କରି ଜୀବନ ତ୍ୟାଗ କରିଥା'ନ୍ତି ସେମାନେ, ଯେଉଁମାନେ ଏମିତି ବିଚାର ରଖି ଗୁରୁ କରିଥା'ନ୍ତି । ନିଜକୁ ସେହି ଗୁରୁତୁଲ୍ୟ ଗଢି ତୋଳିବା ଲକ୍ଷ ରଖିଲେ ହିଁ ପ୍ରକୃତ ଜ୍ଞାନ ପାଇବା ସମ୍ଭବ ଯାହା ସେମାନଙ୍କୁ ପରମାତ୍ମାଙ୍କ ଠାବ କରାଇ ପାରିବ ଯାହା କେହି କରୁନାହାନ୍ତି କି ଜାଣି ନାହାନ୍ତି ତାହାର ମାର୍ଗ ।

ଭଗବାନ ସମସ୍ତଙ୍କୁ ସବୁ ଶକ୍ତି ଦେଇ ଜନ୍ମ ଦେଇଛନ୍ତି । ଫରକ କେବଳ କିଏ କେତିକି ମାତ୍ରାରେ ନିଜର ଶକ୍ତି ବିକଶିତ କରିବାରେ ସମର୍ଥ ହୋଇଥାଏ ଜୀବନ କାଳ ମଧ୍ୟରେ । ଭଗବାନଙ୍କ ଲୀଳାକୁ ବୁଝିବା ସହଜ ନୁହେଁ କିମ୍ବା କଷ୍ଟ ମଧ୍ୟ ନୁହେଁ । କି'ନ୍ତୁ ଉପଯୁକ୍ତ ମାର୍ଗରେ ଚରିତାର୍ଥ କରିବାକୁ ହେବ ନିଜ ଜୀବନ ଶୈଳୀ ତାଙ୍କର ଲୀଳାକୁ ବୁଝିବାକୁ ଯାହା କୌଣସି ଗୁରୁଙ୍କ ମାଧ୍ୟମରେ ସମ୍ଭବ ନୁହେଁ । କାରଣ ଭଗବାନ କହିଛନ୍ତି 'ରେ ମଣିଷ ତୁ କାହାକୁ କାହିଁକି ପଚାରୁ କେବଳ ମନ ତୋହର ନିଜ ଗୁରୁ' । ଅର୍ଥାତ ଜଣେ ମଣିଷର ନିଜସ୍ୱ ମନ ହିଁ ତା'ର ନିଜ ଗୁରୁ । ଅର୍ଥାତ ନିଜର ମନକୁ ନିୟନ୍ତ୍ରଣ କରିବା ଶିକ୍ଷା ଲାଭ କରିପାରିଲେ ନିଜେ ହିଁ ନିଜର ଗୁରୁ ହୋଇ ପାରିବ ଏବଂ ଭଗବାନଙ୍କ ସାନିଧ ଲାଭ କରିପାରିବ । ହେଲେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଗୁରୁ ଯେମିତି ନିଜର ମନକୁ ନିୟନ୍ତ୍ରଣାଧୀନ କରି ଏହି ସ୍ତରରେ ପହଂଚି ପାରିଲେ ମୁଁ ମଧ୍ୟ କେମିତି ସେମିତି ହୋଇ ପାରିବି ? ଏକଥା କୌଣସି ଗୁରୁ କାହାକୁ ଶିକ୍ଷା ଦେଇ ନଥା'ନ୍ତି ଯାହା ସତ୍ୟର ପଥ ଅନୁସରଣ କରେ । କାରଣ ମୂଳ କାରଣଟି କହିଦେଲେ ଯେ ସମସ୍ତେ ନିଜେ ନିଜର ଗୁରୁ ହୋଇଯିବେ, ତାହେଲେ ଆଉ ଗୁରୁଙ୍କର ସଂସ୍ଥା ବ୍ୟାପାର ଚାଲିବ କେମିତି ?! ତେଣୁ ସମସ୍ତ ଗୁରୁ କେବଳ ଅନ୍ଧାର ରାସ୍ତାରେ ଆଲୋକ ଦେଖାଇବା ଭଳି ପ୍ରବଚନ ଦେଇ ନିଜ ଶିଷ୍ୟଙ୍କ ଠାରୁ ଯଥେଷ୍ଟ ସ୍ୱାର୍ଥ ହାସଲ ପୂର୍ବକ ନିଜେ ଆଧିପତ୍ୟ ବିସ୍ତାର କରିବା ଲକ୍ଷ ରଖୁଥିବା କାରଣରୁ ସାଧାରଣ ମଣିଷ କେବେହେଲେ ପରମାତ୍ମାଙ୍କ ସାନିଧ ପାଇପାରେ ନାହିଁ ।ଅତଏବ ପ୍ରତ୍ୟେକ ମଣିଷ ନିଜସ୍ୱ ଚେଷ୍ଟାରେ ଭଗବାନଙ୍କୁ ପାଇବା ଲକ୍ଷ ରଖି କାର୍ଯ୍ୟ କଲେ ଯେ ନିଶ୍ଚିତ ସଫଳ ହେବେ ସେଇଥିରେ କୌଣସି ସନ୍ଦେହ ନାହିଁ । କି'ନ୍ତୁ କଥା ରହଲା ଯେ କେମିତି ? ଏବଂ ତାହାର ପଥ ପ୍ରଦର୍ଶକ ହେବ କିଏ ? ହଁ, ନିଶ୍ଚିତ କୌଣସି ନା କୌଣସି ସମୟରେ ଜଣେ ଗୁରୁଙ୍କର ଆବଶ୍ୟକତା ରହିଛି ସେସବୁ ଜାଣିବା ପାଇଁ । କି'ନ୍ତୁ ସେ ଜଣେ ଗୁରୁ ନୁହନ୍ତି ଯିଏ ପ୍ରବଚନ ଦେଇ ମଣିଷକୁ ତାଙ୍କ ମାଧ୍ୟମରେ ନିରାକାରଙ୍କ ପାଖରେ ପହଂଚାଇବା ଜ୍ଞାନ ଦେଇଥା'ନ୍ତି । କାରଣ ସେ ଗୁରୁ ନୁହନ୍ତି ଯେ ନିଜକୁ ଭଗବାନଙ୍କ ପ୍ରରିତ ଦୂତ ବୋଲି ବିବେଚନା କରନ୍ତି ନିଜକୁ । ସେଇଭଳି ଗୁରୁଙ୍କ ଆବଶ୍ୟକତା ରହିଛି ଯିଏ ସମସ୍ତଙ୍କୁ ସତ୍ୟର ମାର୍ଗ ଦର୍ଶାଇ ନିଜକୁ କୌଣସି ଗୁରୁର ମାନ୍ୟତା ଦେଇନଥା'ନ୍ତି । ଅର୍ଥାତ ପ୍ରକୃତ ଗୁରୁ ଯିଏ, ସେ ସବୁବେଳେ ଅନ୍ୟକୁ ସତ୍ୟର ପଥ ପ୍ରଦର୍ଶନ ପୂର୍ବକ ନିଜସ୍ୱ ଚେଷ୍ଟାରେ ଭଗବାନଙ୍କୁ ପାଇବା ଶିକ୍ଷା କରିବା ଜ୍ଞାନ ଦେଇଥା'ନ୍ତି । କି'ନ୍ତୁ ତାଙ୍କରି ମାଧ୍ୟମରେ ପରମାତ୍ମାଙ୍କ ପାଖରେ ପହଂଚିବା ରାସ୍ତା ଦେଖାଉଥିବା ଗୁରୁ, ଗୁରୁ ନୁହେଁ ବରଂ ଜଣେ କ୍ରୁର ଷଡ଼ଯନ୍ତ୍ରୀ ବ୍ୟପାରୀ ମାତ୍ର । ପ୍ରାପ୍ତ ଜ୍ଞାନ ମୁକ୍ତ ବିତରଣ ବଦଳରେ ଆର୍ଥିକ ପାଉଣା ଗ୍ରହଣ କରୁଥିବା ମଣିଷର ଜ୍ଞାନ ଶୂନ୍ୟ ହୋଇଯାଏ । ଅତ୍ୟନ୍ତ ସାଧାରଣ କଥା ଏହା ଯେ ଯେଉଁଠି ଲକ୍ଷ୍ମୀ ରହନ୍ତି ସେଇଠି ସରସ୍ୱତୀଙ୍କ ସ୍ଥାନ ନାହିଁ । ତେଣୁ ଧନ ଧାନ୍ୟରେ ପରିପୂର୍ଣ୍ଣ ବିଳାସ ବ୍ୟାସନ ସ୍ଥାନରେ ସରସ୍ୱତୀ ତଥା ଜ୍ଞାନର ପ୍ରତିଭା ଅତ୍ୟନ୍ତ କ୍ଷୀଣ ଯାହା କେବଳ ଚତୁରତା ବ୍ୟତୀତ ସତ୍ୟ ଜ୍ଞାନର ଆଦୌ ସମ୍ଭାର ନଥାଏ । ତେଣୁ ସେହିଭଳି ଚତୁର ଜ୍ଞାନୀଙ୍କ ଠାରୁ ନିଜକୁ ଦୁରେଇ ରଖି ପ୍ରକୃତ ଗୁରୁଙ୍କ ଅନୁସରଣ କଲେ ହିଁ ଜୀବନରେ କିଛି ପ୍ରାପ୍ତି ହେବା ଛଡା ଆଜି ସମୟର ବ୍ୟପାରୀ ଧନୀକ ଗୁରୁଙ୍କୁ ପ୍ରତ୍ୟାକ୍ଷାନ ନକଲେ ଯେ କେବେହେଲେ ଭଗବାନଙ୍କ ପରିଚୟ ପାଇବେ ନାହିଁ ସାଧାରଣ ନିର୍ବୋଧ, ସେକଥାରେ କୌଣସି ଦ୍ୱିମତ ନାହିଁ । ତେଣୁ ଆପଣଙ୍କୁ ଜାଣିବାକୁ ହେବ ଯେ ସତ୍ୟର ପଥ କେଉଁଆଡେ ?! ଏବଂ ସତ୍ୟର ପଥ ପ୍ରଦର୍ଶକ କିଏ ??! ତାହେଲେ ଯାଇ ଆମେ ପରମାତ୍ମାଙ୍କୁ ପାଇ ପାରିବା ! ଅନ୍ୟଥା ଜୀବନରେ ବଂଚିଥିବା ମଧ୍ୟରେ କେବଳ ଆସନ୍ତୁଷ୍ଟି ଛଡା ପ୍ରକୃତ ସତ୍ୟକୁ ଜାଣିବା ଆଦୌ ସମ୍ଭବ ହେବନାହିଁ ।

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ.*
*ଦୂରଭାଷ.: ୯୪୩୭୭୩୨୪୯୧୭*




# ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

*ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ । ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ । ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା । ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି । ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ । ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ । ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ । ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ । ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ । ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ । ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ ।*

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର



ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ । ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି । ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ । କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ । ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ । ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ । ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ । ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ । ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ । କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ । ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ । ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ । ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ । ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ । ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ । ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍ । ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ । ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ । ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ । ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

# କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ । ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ । ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି । ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ । ଏଣୁ ସେମାନେ ଭାଗଚାଷ କରନ୍ତି । ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ । ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ । ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି । କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ । ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି । କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି । ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ । ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ। ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି। ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ । ଏହାଦ୍ୱାରା ଅଧିକ ଅମଳ ହୋଇଥାଏ । କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ । ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ । ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି । ଏଣୁ ଜମି ମାଲିକଙ୍କୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି । କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ । ଏଣୁ ଆମେ ଏହାକୁ ରୋକିପାରିବା ନାହିଁ। ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ । ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା





ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ । ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ । ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ। ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ ? ଖାଦ୍ୟ ଆସିବ କେଉଁଠାରୁ । ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର । ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ ।

କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ । ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ । ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା ।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ । ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ । ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ।

କୃଷି ସ୍ନାତକୋତ୍ତର , ଓୟୁଏଟି

# ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



ବିଜ୍ଞାନ ମିହିର ରାଉତ

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି। ଏହାର ମୂଳ ବାସସ୍ଥାନ ଆଫ୍ରିକା। ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା। କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା। ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା ।ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି ।ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ। ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ। ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି।

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ। ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ। ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ। ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ। ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ। ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ । ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ। ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା। ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି। ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର। ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ। ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ। ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ। ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ ।ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ। ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ। ସେହିପରି ଚୀନ୍, ମାଲେସିଆ ଓ ଟିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପ୍ପିାକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଲି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ । ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି। ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ। ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ। ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ।

ଏକଲିଙ୍ଗ ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ। ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ। ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ। ଅଧିକାଂଶ ଚାଷୀ ଏକଲିଙ୍ଗ ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ। ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ। କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ। ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

# ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ। କୃଷିର ବି୍ାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ। କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି। ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏକୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence। ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି। ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ। ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି।




## ଆଡହକ ଅତିରିକ୍ତ ଜିଲ୍ଲାଜଜଙ୍କ କୋର୍ଟରେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡାଦେଶ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଆଡହକ ଅତିରିକ୍ତ ଜିଲ୍ଲାଦୌରାଜଜଙ୍କ କୋର୍ଟ ଜଣେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡାଦେଶରେ ଦଣ୍ଡିତ କରିଥିବା ଜଣାପଡିଛି। କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଆଡହକ ଅତିରିକ୍ତ ଜିଲ୍ଲାଦୌରାଜଜ ତ୍ରିବିକ୍ରମ କେଶରୀ ଚିନାରା ଏକ ୧୨ବର୍ଷରୁ କମ ବୟସର ନାବାଳିକାଙ୍କୁ ଅସଦାଚରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଜାଗୁଲେଇପଡା ଗ୍ରାମର ଜଗନ୍ନାଥ ବେହେରାଙ୍କ ପୁଅ ଅଭିଯୁକ୍ତ ଦିଲ୍ଲିପ କୁମାର ବେହେରା ଓରଫ ଦିଲିଆକୁ ୨୦ବର୍ଷ ଜେଲଦଣ୍ଡ ସମେତ ୨୦ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୧୮ମସିହା ଜୁଲାଇମାସ ୧୯ତାରିଖ ସନ୍ଧ୍ୟାରେ ପିଡିତା ନାବାଳିକା ତା'ର ମାଉସୀ ଓ ସମ୍ପର୍କୀୟ ଜଣେ ଭାଇ ଏବଂ ଭଉଣୀ ସହିତ ଇଛାପୁରସ୍ଥିତ ଶ୍ରୀବଳଦେବଜୀୟୁଙ୍କ ମାଉସୀ ମା' ମନ୍ଦିର ନିକଟକୁ ରଥଯାତ୍ରା ଦେଖିବାକୁ ଆସିଥିଲା। ପିଡିତାଙ୍କ ମାଉସୀ ମନ୍ଦିରରେ ଶ୍ରୀଜୀୟୁଙ୍କୁ ଦର୍ଶନ କରିବା ପରେ ମନ୍ଦିର ସମ୍ମୁଖରେ ଭଜନ ସମାରୋହ ଦେଖୁଥିବା ବେଳେ ପିଡିତା ଏବଂ ତାଙ୍କର ସମ୍ପର୍କୀୟ ଭାଇ ଓ ଭଉଣୀ ୨ଜଣଙ୍କ ସହିତ ଶ୍ରୀଜୀଉଙ୍କ ରଥ ନିକଟରେ ଖେଳୁଥିଲେ। ଠିକ ସେହି ସମୟରେ ଅଭିଯୁକ୍ତ ଜଣଙ୍କ ସେଠାରେ ପହଞ୍ଚି ପିଡିତା ନାବାଳିକା ଜଣଙ୍କୁ ତାଙ୍କ ନାମ ଓ ଗ୍ରାମର ନାମ ପଚାରିଥିଲେ। ଏଥିସହିତ ପିଡିତା ନାବାଳିକା ଜଣଙ୍କୁ ସେହି ରଥ ତଳେ ଥିବା ଏକ ଅନ୍ଧାର ସ୍ଥାନକୁ ନେଇଯାଇ ତାଙ୍କୁ ଅସଦ ବ୍ୟବହାର କରିବା ସହ ତାଙ୍କ ସହିତ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣଙ୍କ ତାହାର ବିରୋଧ କରିବା ସହ କାନ୍ଦିଥିଲେ। ପରେ ସଂପୃକ୍ତ ନାବାଳିକା ଜଣଙ୍କ ମାଉସୀଙ୍କ ନିକଟକୁ ଯାଇ ଏସମ୍ପର୍କରେ ତାଙ୍କ ମାଉସୀଙ୍କ ଆଗରେ ସମସ୍ତ ବିଷୟ କହିଥିଲେ। ପିଡିତାଙ୍କ ମାଉସୀ ରଥ ନିକଟରେ ଦାୟୀତ୍ୱରେ ଥିବା ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ପିଡିତା ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା ବେଳେ ତାଙ୍କ ମାଉସୀଙ୍କ ଅଭିଯୋଗ କ୍ରମେ କେନ୍ଦ୍ରାପଡା ଟାଉନ ଥାନା ପୋଲିସ ଅଭିଯୁକ୍ତ ଜଣଙ୍କୁ ଆଣି ଥାନାରେ ଅଟକ ରଖିଥିଲେ। ପରେ ଏକ ଅସଦାଚରଣ ଓ ଦୁଷ୍କର୍ମ ମାମଲା ଥାନାରେ ଦାୟର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହି ଘଟଣାର ବିଚାର କରି କେନ୍ଦ୍ରାପଡା ଫାଷ୍ଟଟ୍ରାକ୍ ଆଡହକ ଅତିରିକ୍ତ ଜିଲ୍ଲାଦୌରାଜଜ ତ୍ରିବିକ୍ରମ କେଶରୀ ଚିନାରା ଅଭିଯୁକ୍ତ ଦିଲ୍ଲିପ କୁମାର ବେହେରାଙ୍କୁ ଆଇପିସିର ୩୫୪ଦଫାରେ ୫ବର୍ଷ ଜେଲଦଣ୍ଡ ସହିତ ୫ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ। ସେହିପରି ୩୫୪-(କ)ଦଫାରେ ୩ବର୍ଷ ଜେଲଦଣ୍ଡ ସହିତ ୩ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଥିବା ବେଳେ ଜୋରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡିବ। ୩୭୬-(କଖ)ଦଫାରେ ୨୦ବର୍ଷ ଜେଲଦଣ୍ଡ ସହିତ ୨୦ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରିବା ସହ ଜୋରିମାନା ଅନାଦେୟ ଅଧିକ ଏକବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟଙ୍କ ରାୟରେ ଉଲ୍ଲେଖ ରହିଛି। ଏହି ଦଣ୍ଡଗୁଡିକ କ୍ରମାନ୍ୱୟରେ ଲାଗୁହେବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମନୋଜ କୁମାର ସାହୁ କୋର୍ଟରେ ମାମଲା ପରିଚାଳନା କରୁଥିଲେ।

## ନାଲିମୁହାଁ ମାଙ୍କଡ କାମୁଡ଼ାରେ ୩ ଆହତ

ଚଣ୍ଡିଖୋଲ (ପିଏନ୍)- ବଡ଼ଚଣା ବ୍ଲକ କୁନ୍ଦଳ ପଂଚାୟତର ହରିପୁର ଗ୍ରାମରେ ଏକ ପାତି ମାଙ୍କଡ କାମୁଡ଼ାରେ ତିନିଜଣ ଆହତ ହୋଇଥିବା ଜଣାଯାଇଛି। ମାଙ୍କଡ଼ଟି ଦୀର୍ଘଦିନ ହେବ ଗ୍ରାମକୁ ଗ୍ରାମ ବୁଲି ଲୋକମାନଙ୍କୁ ଆହତ କରୁଥିଲା। କୁଳହରିପୁର ଗ୍ରାମର ଅନନ୍ତ ମହାରଣାଙ୍କ ନାତି ବାବୁକୁ ମାଙ୍କଡଟି ତାର ଗାଲ ଓ ହାତକୁ କାମୁଡ଼ି ଦେଇଥିଲା। ଫଳରେ ପରିବାର ଲୋକମାନେ ତାକୁ ୧୦୮ ଆମ୍ବୁଲାନ୍ସରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇଥିଲେ। ସେଠାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ପଠାଇଦେଇଥିଲେ। ସେହିପରି ଭରତ ମଲିକଙ୍କ ପୁଅ ଓ ଦାସ ସାହିର ଏକ ଝିଅକୁ ମାଙ୍କଡଟି କାମୁଡି ଆହତ କରିଦେଇଥିଲା। ଗ୍ରାମର କିଛି ଲୋକ ଚଣ୍ଡିଖୋଲ ବନ ବିଭାଗକୁ ଖବର ଦେବା ପରେ ବନପାଳ ଶଶୀକାନ୍ତ ବେହେରାଙ୍କ ନିର୍ଦ୍ଦେଶରେ କର୍ମଚାରୀ ମାନେ ଗ୍ରାମରେ ପହଂଚି ମାଙ୍କଡଟିକୁ ଧରିବାକୁ ଚେଷ୍ଟା କରିଥିଲେ ମଧ ସନ୍ଧ୍ୟା ପର୍ଯ୍ୟନ୍ତ ମାଙ୍କଡଟିକୁ ଧରିପାରି ନ ଥିଲେ। ମାଙ୍କଡଟି ଛୋଟ ପିଲାଙ୍କୁ ଆକ୍ରମଣ କରୁଥିବା ଦେଖାଯାଇଛି। ବନ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ମାଙ୍କଡଟିକୁ ଧରିବାକୁ ସମାଜସେବୀ ସୁରେନ୍ଦ୍ର ନାଥ ସାମଲ, ପୂର୍ବତନ ସମିତି ସଭ୍ୟ ଅନନ୍ତ କିଶୋର ଜେନା, ପୂର୍ବତନ ସରପଂଚ ଗୋବିନ୍ଦ ସାମଲ, ସରପଂଚ ପ୍ରମିତା ରାଉତ, ଭୀମସେନ ସାମଲ ପ୍ରମୁଖ ଦାବି କରିଛନ୍ତି।

## ତିନିଦିନ ଧରି ଲଗାଣ ବର୍ଷା ଆଶଙ୍କା

ବାଲେଶ୍ୱର (ପିଏନ୍)-ପୁଣି ଲଘୁଚାପ ସୃଷ୍ଟି ଯୋଗୁ ବାଲେଶ୍ୱର ଓ ମୟୂରଭଞ୍ଜରେ ୩ ଦିନ ଧରି ଲଗାତାର ଭାବେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ଜଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ପର୍ଯ୍ୟଟକ ମାନଙ୍କୁ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଚାନ୍ଦିପୁର, କଶାଫଳ, ତାଳସାରି, ଡଗରା ଓ ପଞ୍ଚଲିଙ୍ଗେଶ୍ୱରକୁ ନ ଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏଥିପାଇଁ ଏକ ଜରୁରୀକାଳୀନ କେନ୍ଦ୍ର ଖୋଲାଯାଇଛି।

## ଓଡ଼ିଆ ଭାଷାରେ ପ୍ରଶାସନ ନ ଚାଲିବା ଓଡ଼ିଆ ଭାଷା ପ୍ରତି ବିପଦ

ଖୋର୍ଦ୍ଧା (ପିଏନ୍): ଜରିପୁଟ ସ୍ଥିତ ମଙ୍ଗଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଶ୍ରୀ ଗୋପୀନାଥ ଦେବ ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ଅବସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଡ଼. ବୃନ୍ଦାବନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ପ୍ରଫେସର ଡ଼. ହରିହର କାନୁନ୍‌ଗୋ ଓ ଇଂ ଜଗଦୀଶ ସାହୁ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଉଦ୍‌ଯାପନ ଦିବସରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ କବି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଭଗବାନ ଚନ୍ଦ୍ର ଦାସ, ବିକ୍ରମ କେଶରୀ ଚମ୍ପତି, ଦିବ୍ୟ ଲୋଚନ ଭାରିମଲ୍ଲ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧିରେ କବି ଲେଖକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାର ଅବତାରଣା କରିଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା ଓ ପ୍ରଫୁଲ୍ଲ କୁମାର ହୋତାଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସମ୍ପାଦକ ନୀଳାଦ୍ରିନାଥ ଜଗଦ୍ଦେବ କାର୍ଯ୍ୟକ୍ରମ ନେଇ ସୂଚନା ଦେବା ସହ ଅତିଥି ପରିଚୟ ଦେଇଥିଲେ। ସାହିତ୍ୟ ସଂସଦ ପକ୍ଷରୁ ପାରଳାଖେମୁଣ୍ଡିର କବି ହର ପ୍ରସାଦ ସୁଆର, ଆଠମଲ୍ଲିକ ବଇଣ୍ଡାର କବି ଗଣପତି ସ୍ୱାଇଁ, ମୟୁରଭଂଜ ବେତନଟିର କବି ରତିକାନ୍ତ ବେହେରା,ବାଲିଆପାଳର କବି ସନାତନ ମଲିକ, ମୋଟରିର କବି ରୋହିତ କୁମାର ଚମ୍ପତି, ଖୋର୍ଦ୍ଧାର ଅମ୍ଳାନ କୁମାର ମହାରଣା, ଭୁବନେଶ୍ୱର ଝାଡ଼ପଡ଼ାର ଗୋବିନ୍ଦ ଚନ୍ଦ୍ର ମହାରଣା, ପିପିଲିର ସତ୍ୟ ନାରାୟଣ ସିଂହ, ବାଲେଶ୍ୱରର ଭଗବାନ ଚନ୍ଦ୍ର ଦାସ, ବୋଲଗଡ଼ ପାଟପୁରର ବିଭୁ ହୋତା ଓ ପ୍ରଫୁଲ୍ଲ କୁମାର ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଶ୍ରୀ ବଳିଆରସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପାରଳା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ରାଜ୍ୟ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଆମ ରାଜ୍ୟରେ ଓଡ଼ିଆ ଭାଷା ଆୟୋଗ ଗଠନ ନ ହେବା, ନିମ୍ନ ଅଦାଲତରେ ଓଡ଼ିଆରେ ଜବାବ ସୁଆଲ ନ ହେବା ଏବଂ ଓଡ଼ିଆ ଭାଷାରେ ପ୍ରଶାସନ ନ ଚାଲିବା ଓଡ଼ିଆ ଭାଷା ପ୍ରତି ବିପଦ ବୋଲି କହିଥିଲେ। ସମ୍ପାଦକ ନୀଳାଦ୍ରିନାଥ ଜଗଦ୍ଦେବ ଧନ୍ୟବାଦ ଦେଇଥିଲେ।

## ଅଗଷ୍ଟ ୨୧ରୁ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରିବ ପିସିସି କ୍ଷୟକ୍ଷତି ଆକଳନକାରୀ ଦଳ

ଭୁବନେଶ୍ୱର (ପିଏନ୍)- ସଂପ୍ରତି ରାଜ୍ୟରେ ବନ୍ୟା ପରିସ୍ଥିତି ଉଗ୍ରରୂପ ଧାରଣ କରିଥିବା ବେଳେ ବହୁ ସ୍ଥାନରେ ନଦୀମାନଙ୍କରେ ଘାଇ ସୃଷ୍ଟି ହୋଇ ହଜାର ହଜାର ଜନସାଧାରଣ, ଗୃହପାଳିତ ପଶୁ ବିପନ୍ନ ଅବସ୍ଥାରେ ରହିଛନ୍ତି। ସେହିପରି ହଜାର ହଜାର ଏକର ଚାଷଜମି, ପନିପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ଲୋକମାନେ ପାଣିଘେରରେ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଦିଆଯାଇପାରିନାହିଁ। ତେଣୁ ରାଜ୍ୟରେ ବନ୍ୟାଂଚଳର ସ୍ଥିତି ଅନୁଧ୍ୟାନ କରିବା ସହ ବନ୍ୟା କ୍ଷୟକ୍ଷତି ଆକଳନ କରିବାପାଇଁ କଂଗ୍ରେସ ସ୍ଥିତି ଅନୁଧ୍ୟାନକାରୀ ଦଳ ଅଗଷ୍ଟ ୨୧ ତାରିଖରୁ ବନ୍ୟାକ୍ଷତିଗ୍ରସ୍ତ ଜିଲ୍ଲା ଗସ୍ତ କରିବେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏଥିପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିର ବୈଠକ ଶ୍ରୀ ପଂଚାନନ କାନୁନଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସ୍ଥିତି ଅନୁଧ୍ୟାନ କାରୀ ଦଳ ତିନୋଟି ଭାଗରେ ବିଭକ୍ତ ହୋଇ ବିଭିନ୍ନ ଅଂଚଳ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି ୨୩ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଦସ୍ୟ ପୂର୍ବତନ ବିଧାୟକ, ଶ୍ରୀ ଚିନ୍ମୟ ପ୍ରସାଦ ବେଉରା, ବରିଷ୍ଠ କଂଗ୍ରେସ ନେତା ଶ୍ରୀ ବିଭୁତି ମିଶ୍ର, ଶ୍ରୀ ଅମୀୟ କୁମାର ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ଶ୍ରୀ ସଂୋଷ ନନ୍ଦ ଓ ଶ୍ରୀ ମନୋଜ ସାହୁ ଉପସ୍ଥିତ ଥିଲେ। ଏହି ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟଭାବେ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର ଯୋଗଦେଇଥିଲେ।

## ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

ଆଜି ଉତ୍କଳ ଦିବସ। ଏକ ଜାତି, ରାଜ୍ୟ ସର୍ବୋପରି ଆମ ସମସ୍ତଙ୍କ ପାଇଁ ସ୍ୱାଭିମାନ, ଆତ୍ମ ସମ୍ମାନ, ଆତ୍ମ ମନ୍ଥନ, ଆତ୍ମ ଚିନ୍ତନର ଦିନଟି। ୧୯୩୬ ଏପ୍ରିଲ ୧ ତାରିଖ ଦିନ ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲା। ଅନେକଙ୍କ ଧାରଣା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ସର୍ବପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ ଚିନ୍ତା କରିଥିଲେ। ବାସ୍ତବ କଥା ହେଉଛି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ସଂପର୍କରେ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ। ୧୯୨୭ ଫେବୃୟାରୀ ୮ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ପ୍ରସ୍ତାବ ଆକାରରେ ଏହି ଦାବି ପେସ୍ କରିଥିଲେ। ଅନେକ ଦିନ ନିଜ ପ୍ରସ୍ତାବ ଉପରେ ଅନୁଧ୍ୟାନ କରିବା ସହିତ ସେ ତତ୍‌କାଳୀନ ବ୍ୟବସ୍ଥାସଭା ଏବଂ ବିଭିନ୍ନ ଫୋରମ୍‌ରେ ସ୍ୱଭାବ ସୁଲଭ ଢ଼ଙ୍ଗରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କଲେ। ପରବର୍ଷ ୭ଜଣ ବ୍ରିଟିଶ ସାଂସଦକୁ ନେଇ ଗଠିତ ଭାରତୀୟ ସାମ୍ବିଧାନିକ ଆୟୋଗ ଭାରତ ଗସ୍ତରେ ଆସିଥିଲେ। ଏହି ଆୟୋଗର ଅଧ୍ୟକ୍ଷ ଥିଲେ ସାର୍ ଜନ୍ ସାଇମନ୍। ତାଙ୍କ ନାମାନୁସାରେ ଏହାକୁ ସାଇମନ କମିଶନ କୁହାଯାଏ। ସାଇମନ କମିଶନରେ ବ୍ରିଟେନର ଭାବି ପ୍ରଧାନମନ୍ତ୍ରୀ କ୍ଲିମେଣ୍ଟ୍ ଅଟ୍ଟଲୀ ମଧ ସଦସ୍ୟ ଥିଲେ। ଭାରତରେ ଶାସନ ସଂସ୍କାର ଅନୁଧ୍ୟାନ କରିବା ପାଇଁ ୧୯୨୭ ନଭେମ୍ବରରେ ବ୍ରିଟିଶ ସରକାର ସାଇମନ କମିଶନ ଗଠନ କରିଥିଲେ। ୧୯୨୮ ଫେବୃଆରୀ ୩ରେ କମିଶନ ବମ୍ବେରେ ପହଞ୍ଚିବା କ୍ଷଣି ଆରମ୍ଭ ହୋଇଥିଲା ବିକ୍ଷୋଭ। ଅବିଳମ୍ବେ ସାରା ଦେଶରେ ହରତାଳ ପାଳିତ ହେଲା। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଲା। ସାରା ଦେଶ ସାଇମନ କମିଶନକୁ ବିରୋଧ କରୁଥିବା ବେଳେ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ କ୍ରମେ ଅଳ୍ପ କେତେକ ଓଡ଼ିଆ ପାଟନା ରେଳ ଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ସ୍ମାରକ ପତ୍ର ଦେଇଥିଲେ। କମିଶନ ବ୍ରିଟେନ ଫେରିଯିବା ପରେ ୧୯୨୯ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଭାରତ ସରକାରଙ୍କ କ୍ୟାବିନେଟରେ ଆଲୋଚନା ପାଇଁ ଗୃହୀତ ହେଲା। ୧୯୩୧ରେ ଗଢାଗଲା ଓଡ଼ନେଲ କମିଟି। କମିଟିଙ୍କ ସମକ୍ଷରେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଦୀର୍ଘ ସ୍ମାରକ ପତ୍ର ଉପସ୍ଥାପନ କରିଥିଲେ। ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରିଥିଲେ କଂଗ୍ରେସ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯେ ଦେଶ ସ୍ୱାଧୀନ ହେବା ପରେ ରାଷ୍ଟ୍ରପତି ହୋଇଥିଲେ। ଓଡ଼ନେଲ କମିଟିଙ୍କ ରିପୋର୍ଟ ଭିତ୍ତିରେ, ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଏହି ୬ଟି ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି ତତ୍‌କାଳୀନ ଇଂରେଜ ସରକାର ନିଷ୍ପତ୍ତି ନେଲେ। ବରଂ ସେହି ନିଷ୍ପତ୍ତି ୧୯୩୬ ଏପ୍ରିଲ ୧ରେ କାର୍ଯ୍ୟକାରୀ ହେଲା। ରାଜ୍ୟର ପ୍ରଥମ ରାଜ୍ୟପାଳ ରୂପେ ଶପଥ ନେଲେ ସାର୍ ଅଷ୍ଟିନ୍ ହବାକ୍। ଫଳତଃ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଲେ। ଶାସନ କ୍ଷେତ୍ରରେ ମଧ ଶିକ୍ଷିତ ଓଡ଼ିଆମାନଙ୍କୁ ନିଯୁକ୍ତି ମିଳିଲା। ବର୍ତ୍ତମାନର ଓଡ଼ିଆମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲ ଗୁଡ଼ିକରେ ମୁଖ୍ୟତଃ ବଙ୍ଗୀୟ ଶିକ୍ଷକଙ୍କୁ ନିଯୁକ୍ତି ମିଳୁଥିଲା। କୋର୍ଟ କଚେରୀଗୁଡ଼ିକରେ ଓକିଲାମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବଙ୍ଗାଳୀ। ସେତେବେଳେ ଓଡ଼ିଆମାନଙ୍କ ବିରୋଧରେ ଯେଉଁ ଚକ୍ରାନ୍ତ ଚାଲିଥିଲା ଡାକ୍ତର ରାଜେନ୍ଦ୍ର ପ୍ରସାଦ ଥିଲେ ତାହାର ପୁରୋଭାଗରେ। ହିନ୍ଦୀ ଭାଷୀମାନେ ସମ୍ବଲପୁରରେ ହିନ୍ଦୀ ଏବଂ ବଙ୍ଗୀୟମାନେ ଓଡ଼ିଶାର ଅବଶିଷ୍ଟ ଇଲାକାରେ ବଙ୍ଗଳା ପ୍ରଚଳନ ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏମାନଙ୍କ ଚକ୍ରାନ୍ତକୁ ପଣ୍ଡ କରିଥିବା ପ୍ରାତଃ ସ୍ମରଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ନୀଳକଣ୍ଠ ଦାସ, ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, କୃଷ୍ଣଚନ୍ଦ୍ର ଗଜପତି, ବାସୁଦେବ ସୁଢ଼ଳ ଦେବ ପ୍ରମୁଖ ଅନ୍ୟତମ। ଏମାନେ ପ୍ରଗାଢ଼ ଉଦ୍ୟମ ଜାରି ରଖି ନଥିଲେ ହୁଏତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଳମ୍ବିତ ହୋଇଥାନ୍ତା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs. 8,000/- (One Month)
10c.m.x4cm: Rs. 350/- (One day)
5c.m.x4cm: Rs. 5,000/- (One Month)
5c.m.x4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ବରୁଣେଇ ପାଇକ ସ୍ମାରକୀସ୍ଥଳରେ ଜାତୀୟପତାକା ଉତୋଳନ



ଖୋର୍ଦ୍ଧା (ପିଏନ୍): ସ୍ୱାଧୀନତା ଦିବସରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ବରୁଣେଇ ପାଦଦେଶରେ ଅବସ୍ଥିତ ପାଇକ ସ୍ମାରକୀ ସ୍ଥଳଠାରେ ନିରାଡ଼ମ୍ବର ଭାବେ ଜାତୀୟ ପତାକା ଉତୋଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ରାମଚଣ୍ଡୀ ଦଳବେହେରା ମୃତ୍ୟୁଂଜୟ ଛୋଟରାୟ, ଉପ-ସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦିଲ୍ଲୀପ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୨୦୧୯ ଡିସେମ୍ବର ୮ ତାରିଖ ଦିନ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀ ଶିଳାନ୍ୟାସ କରିଥିଲେ। ସେହିଦିନ ଠାରୁ ପ୍ରତ୍ୟେକ ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସରେ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ପତାକା ଉତୋଳନ କରାହୋଇ ଆସୁଛି। ଚଳିତ ବର୍ଷ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ରାଜ୍ୟ ସରକାର ପାଇକ ସ୍ମାରକୀ ପାଇଁ ଯାଗା ଯୋଗାଇ ଦେବାକୁ ରାଜି ହେବା ପରେ ପାଇକ ତଥା ସ୍ୱାଭିମାନୀ ଓଡ଼ିଆମାନଙ୍କ ମନରେ ଆଶା ସଂଚାର ହେଇଛି।

## ସତ୍ୟସାଇ ସେବା ସମିତିର ବାଲବିକାଶ ଶିବିର

ଖୋର୍ଦ୍ଧା (ପିଏନ୍): ଆଜାଦୀ କା ଅମୃତ ମହୋତ୍ସବ ଉପଲକ୍ଷେ ସ୍ଥାନୀୟ ମଙ୍ଗଳା ନଗର ସ୍ଥିତ ସତ୍ୟସାଇ ସେବା ସମିତି ପକ୍ଷରୁ ବାଲବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ 'ସ୍ୱାଧୀନତା ଓ ସ୍ୱାଭିମାନ'କୁ ଆଧାର କରି ଚିତ୍ରାଙ୍କନ, ସଂଗୀତ, ଭାଷଣ, କୌତୁକିଆ ପୋଷାକ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଂଚଳର ବହୁ ଛୋଟ ଛୋଟ ପିଲା ଏଥିରେ ଅଂଶଗ୍ରହଣ କରିଥିଲେ। ଅଭିଭାବକମାନେ ମଧ୍ୟ ଉପସ୍ଥିତ ରହି ମନୋବଳ ବଢାଇବାରେ ସହାୟକ ହୋଇଥିଲେ। ଶିକ୍ଷୟିତ୍ରୀ ଗଜଲକ୍ଷ୍ମୀ ଛୋଟରାୟ, ସସ୍ମିତା ମୁଦୁଲି, କାଂଚନବାଳା ଜେନା, ପ୍ରତୀକ୍ଷା ଦାସ, ଶ୍ରେୟା ହରିଚନ୍ଦନ, ସାଇ ଜ୍ୟୋତିରଂଜନ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଆତ୍ମନିର୍ଭରଶୀଳ ଭାରତ ଗଠନ ଏବଂ ସ୍ୱାଧୀନତାଠାରୁ ସ୍ୱତନ୍ତ୍ରତା ପର୍ଯ୍ୟନ୍ତ ଅବଲୋକନ




ଭୁବନେଶ୍ୱର (ପିଏନ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭାର ବୈଠକ ଗୁଜୁରାଟର ଅହମ୍ମଦାବାଦ ଠାରେ ମାର୍ଚ୍ଚ ୧୧ ଠାରୁ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିଥିଲା। ଏଥିରେ ଆତ୍ମନିର୍ଭରଶୀଳ ଭାରତ ଗଠନର ପ୍ରଚେଷ୍ଟା ପାଇଁ ଏକ ପ୍ରସ୍ତାବ ଗୃହିତ ହୋଇଥିଲା। ଏହା ସହିତ ଅମୃତ ମହୋତ୍ସବ ଅବସରରେ ଆମ ଦେଶ ସ୍ୱାଧୀନତାଠାରୁ ସ୍ୱତନ୍ତ୍ରତା ପର୍ଯ୍ୟନ୍ତ ଚାଲି ଆସିଥିବା ଆନ୍ଦୋଳନ ସମ୍ବନ୍ଧରେ ବିଚାର କରିବା ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଉଲ୍ଲେଖ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟ ସଂଘର ଓଡିଶା ପୂର୍ବପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ,ସଂଘର ପ୍ରତିନିଧି ସଭା ମତ ଦେଇଛନ୍ତି ଯେ, ଭାରତୀୟ ଅର୍ଥନୈତିକ ମଡେଲ-ମାନବକେନ୍ଦ୍ରିତ, ପର୍ଯ୍ୟାବରଣ ଅନୁକୁଳ, ଶ୍ରମପ୍ରଧାନ, ବିକେନ୍ଦ୍ରିକରଣ, ସୁଷମବଂଟନ, ଗ୍ରାମୀଣ ଅର୍ଥ ବ୍ୟବସ୍ଥା, ସୁକ୍ଷ୍ମ ଉଦ୍ୟୋଗ, ଲଘୁ ଉଦ୍ୟୋଗ,କୃଷି ଆଧାରିତ ଉଦ୍ୟୋଗ ଏବଂ ମହିଳା ରୋଜଗାର ଦ୍ୱାରା ସ୍ୱରୋଜଗାର ସୃଷ୍ଟିକରାଯାଇ ପାରିବ। ଏଥିପାଇଁ ସାମାଜିକ ପରିସ୍ଥିତି ଅନୁରୂପ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଚେଷ୍ଟା କରିବାକୁ ପଡିବ। ଏହି କାର୍ଯ୍ୟ ନିମିତ ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ସଂସ୍ଥା,ଶିଳ୍ପଉଦ୍ୟୋଗୀ ଓ ପ୍ରତିଭାବାନ ବ୍ୟକ୍ତିମାନଙ୍କର ପ୍ରଚେଷ୍ଟାର ଆବଶ୍ୟକତା ରହିଛି। ସ୍ୱଦେଶୀ ଏବଂ ସ୍ୱାବଲମ୍ବନ ବିଚାର ଆଧାରରେ ଅନେକ ଷ୍ଟାଟ-ଅପ୍ ତଥା ହସ୍ତଶିଳ୍ପ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଦ୍ୱାରା ଦେଶର ଯୁବଗୋଷ୍ଠୀ ରୋଜଗାରକ୍ଷମ ହୋଇପାରିବେ। ପ୍ରତିନିଧି ସଭା କହିଛନ୍ତି ଯେ, ଦେଶର ଦୁର୍ବଳ ଏବଂ ବଂଚିତ ସମାଜ ସହିତ ସମଗ୍ର ସମାଜରେ ରୋଜଗାର ସୃଷ୍ଟି କରୁଥିବା ସଫଳ କାହାଣୀକୁ ବିଚାର କରିବାକୁ ପଡିବ। ଏହି ବୈଠକରେ ସଂଘର ସରକାର୍ଯ୍ୟବାହ ଦତାତ୍ରେୟ ହୋସଓ୍ୱାଲେ ମଧ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ,ଆମ ଦେଶର ସ୍ୱାଧୀନତା ପ୍ରାପ୍ତି ପାଇଁ ଅନେକ ଶତାବ୍ଦି ଧରି ସଂଘର୍ଷ ଜାରି ରହିଥିଲା। ଏହାକେବଳ ରାଜନୈତିକ ସଂଘର୍ଷ ନଥିଲା, ବରଂ ଏକ ସାମାଜିକ-ସାଂସ୍କୃତିକ ଆନ୍ଦୋଳନ ଥିଲା। ବ୍ରିଟିଶ ସରକାର ଆମର ସ୍ୱଦେଶୀ ଅର୍ଥନୀତି,ରାଜନୈତିକ ବ୍ୟବସ୍ଥା, ବିଶ୍ୱାସ ଏବଂ ଶିକ୍ଷାବ୍ୟବସ୍ଥା ଉପରେ ଆକ୍ରମଣ କରିଥିଲେ। ଦେଶକୁ ଏଥିରୁ ରକ୍ଷା କରିବା ପାଇଁ ଯେଉଁ ଜାତୀୟ ଆନ୍ଦୋଳନ ହୋଇଥିଲା ସେଥିରେ ସଂଘର ସ୍ୱୟଂସେବକମାନେ ଡକ୍ଟର ହେଡଗେଓ୍ୱାରଙ୍କ ନେତୃତ୍ୱରେ ବହୁପରିମାଣରେ ଯୋଗଦେଇଥିଲେ। ଏହି ଆନ୍ଦୋଳନରେ ଆମ ଜ୍ଞାତସାରରେ ଏବଂ ଅଜ୍ଞାତରେ ଅନେକ ବୀରପୁରୁଷ ଭାଗନେଇଥିଲେ। ସମଗ୍ର ଭାରତୀୟ ସମାଜ ହେଉଛି ଗୋଟିଏ ଜାତି, ଏହି ବିଚାର ଆମକୁ ୭୫ତମ ସ୍ୱାଧୀନତା ବା ଅମୃତ ମହୋତ୍ସବ ଅବସରରେ ଦେଶର ସମସ୍ତ ନାଗରିକମାନଙ୍କ ପାଖରେ ପହଁଚାଇବାକୁ ପଡିବ। ଏଥିପାଇଁ ଆତ୍ମନିର୍ଭର ସଂକଳ୍ପ ସହିତ ଭାରତ କେନ୍ଦ୍ରିତ ଶିକ୍ଷାନୀତିକୁ କ୍ରିୟାନ୍ୱୟନ କରିବାକୁ ପଡିବ। ଏହି ବୈଠକରେ ଦିଆଯାଇଥିବା ତଥ୍ୟ ଅନୁଯାୟୀ ସମଗ୍ର ଦେଶରେ ସଂଘର ୮୧,୬୧୦ଟି ଶାଖା ଲାଗୁଛି। ତନ୍ମଧ୍ୟରୁ ଓଡିଶାରେ ୧୮୭୬ଟି ଶାଖା ଚାଲୁଅଛି। ଓଡିଶାରୁ ୪୭ଜଣ ସହିତ ସମଗ୍ର ଦେଶରୁ ୧୨୧୧ ଜଣ ପ୍ରତିନିଧି ଏଥିରେ ଭାଗ ନେଇଥିଲେ। ବୈଠକ ଆରମ୍ଭରେ ଗତବର୍ଷ ମୃତ୍ୟୁବରଣ କରିଥିବା ରାଜ୍ୟ ତଥା ଦେଶର ଅନେକ ବ୍ୟକ୍ତିମାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା, ଯେଉଁଥିରେ କି ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ସ୍ୱର ସାମ୍ରାଜ୍ଞୀ ସୁଶ୍ରୀ ଲତା ମଂଗେସକର ଏବଂ ଓଡିଶାର ସିନେ କଳାକାର ମିହିର ଦାସ, ସଙ୍ଗୀତଜ୍ଞ ଡ. ଦାମୋଦର ହୋତା, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବକ୍ଷେତ୍ରର କାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ରଙ୍କ ସହିତ ପ୍ରାନ୍ତର ସହପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ମଧ ଉପସ୍ଥିତ ଥିଲେ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ



# ପଟ୍ଟନାୟକ ଇଣ୍ଡିଆ ଫାଉଣ୍ଡେସନ ତରଫରୁ କିଶୋର ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧନା




ନୂଆଦିଲ୍ଲୀ ,(ପି.ଏନ): ପଟ୍ଟନାୟକ ଇଣ୍ଡିଆ ଫାଉଣ୍ଡେସନ ତରଫରୁ ବିଶିଷ୍ଟ ସାମ୍ବାଦିକ ଓ ବିଖ୍ୟାତ ସମାଜସେବୀ କିଶୋର ଦ୍ୱିବେଦୀଙ୍କୁ ନୂଆଦିଲ୍ଲୀ ଠାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଏହି ଉପଲକ୍ଷେ ଫାଉଣ୍ଡେସନର ମୁଖ୍ୟାଳୟ ବୁରାରୀ ଠାରେ ଆୟୋଜିତ ଏକ ସମାବେଶରେ ଫାଉଣ୍ଡେସନର ସଦସ୍ୟ କର୍ମକର୍ତ୍ତା ଏବଂ ଶୁଭେଚ୍ଛୁମାନେ ଶ୍ରୀ ଦ୍ୱିବେଦୀ ଙ୍କୁ ଶ୍ରଦ୍ଧାର ସହିତ ପାଛୋଟି ନେଇଥିବା ଦେଖାଯାଇଥିଲା ଓ ଏହି ଅବସରରେ ଫାଉଣ୍ଡେସନର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼ଃ ନିର୍ମଳ ପଟ୍ଟନାୟକ ଏବଂ ସଦସ୍ୟ ଟ୍ରଷ୍ଟି ପ୍ରଫେସର ଅଞ୍ଜନା ପଟ୍ଟନାୟକ, ଶ୍ରୀ ଦ୍ୱିବେଦୀଙ୍କୁ ଏକ ଫଳକ ଏବଂ ପ୍ରଶସ୍ତି ପତ୍ର ପ୍ରଦାନ କରିଥିଲେ । ସମାଜ ପାଇଁ ଶ୍ରୀ ଦ୍ୱିବେଦୀଙ୍କର ଉତ୍ତମ ସେବା ଦୃଷ୍ଟିରୁ ତାଙ୍କୁ ଏହି ସମ୍ମାନ ପାଇଁ ଯୋଗ୍ୟ ବିବେଚିତ କରାଯାଇଥିବା ଜଣାଯାଇଛି । ୨୦୧୨ ମସିହାରେ ପ୍ରକୃତି ଉପାସକ ସ୍ୱର୍ଗତଃ ଗୁରୁଶ୍ରୀପୀତବାସ ପଟ୍ଟନାୟକ ଙ୍କର ସ୍ମୃତି ଉଦ୍ଦେଶ୍ୟ ରେ ପ୍ରତିଷ୍ଠିତ ପଟ୍ଟନାୟକ ଇଣ୍ଡିଆ ଫାଉଣ୍ଡେସନ ଏହାର ଅଧ୍ୟକ୍ଷ ଡ଼ଃ ନିର୍ମଳ ପଟ୍ଟନାୟକଙ୍କର ସକ୍ରୀୟ ଓ ସୁଦକ୍ଷ ତତ୍ତ୍ୱାବଧାନରେ ଭାରତୀୟ ସଂସ୍କୃତିର ପ୍ରଚାର, ମାନବୀୟ ଗୁଣବତ୍ତାର ପ୍ରସାର ଏବଂ ପରିବେଶର ସୁରକ୍ଷା ଦିଗରେ କାର୍ଯ୍ୟ କରିଆସୁଛି ।ଫାଉଣ୍ଡେସନ ତରଫରୁ ଭାରତର ସ୍ୱ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କର ସହୀଦ ଦିବସ ,ବିଶ୍ୱ ଆର୍ଦ୍ରଭୂମି ଦିବସ ଏବଂ କର୍ମଶାଳା,ମାତୃଭାଷା ଦିବସ, ବିଶ୍ୱ ପଖାଳ ଦିବସ, ଉତ୍କଳ ଦିବସ,ପିତା ମାତା ଆଶୀର୍ବାଦ ଦିବସ,ବିଶ୍ୱ ପରିବେଶ ଦିବସ ଆଲୋଚନାଚକ୍ର, ଗଣମାଧ୍ୟମ କର୍ମଶାଳା,ବିଶ୍ୱଗୁରୁ ବେଦବ୍ୟାସ ଦିବସ, ମାନବ ଅଧିକାର ଓ ଉତ୍ତର ଦାୟିତ୍ୱ ଦିବସ ବିଚାରଗୋଷ୍ଠୀ, ଶିଳ୍ପଦ୍ୟୋଗୀ ସମ୍ମିଳନୀ ଏବଂ ପଟ୍ଟନାୟକ ଇଣ୍ଡିଆ ଫାଉଣ୍ଡେସନ ଦିବସ ଆଦି ପ୍ରତିବର୍ଷ ନିୟମିତ ଭାବେ ପାଳନ କରାଯାଇଆସୁଛି । ଫାଉଣ୍ଡେସନ ତରଫରୁ ସାହିତ୍ୟ ପତ୍ରିକା 'ଉତ୍କଳ ଭାରତୀ' ପ୍ରକାଶ କରାଯାଉଛି ।ସମାଜକୁ ଭାରତୀୟ ଐତିହ୍ୟ, ଆଦର୍ଶ ଓ ପରମ୍ପରା ସମ୍ପର୍କରେ ସଚେତନ କରାଇବା ଏବଂ ଆମର ଯୁବପିଢ଼ୀ ତଥା ଭବିଷ୍ୟତ ବଂଶଧରମାନଙ୍କୁ ଭାରତୀୟତାର ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଏବଂ ଚାତୁର୍ଯ୍ୟ ସମ୍ପର୍କରେ ଅବଗତ ତଥା ଏନେଇ ଉଦବୁଦ୍ଧ କରାଇବା ପଟ୍ଟନାୟକ ଇଣ୍ଡିଆ ଫାଉଣ୍ଡେସନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଡ଼ଃ ନିର୍ମଳ ପଟ୍ଟନାୟକ ଏହି ଅବସରରେ ସୁଚାଇଛନ୍ତି । ନୂଆଦିଲ୍ଲୀ ଠାରେ ଅବସ୍ଥାପିତ କିଶୋର ଦ୍ୱିବେଦୀଙ୍କୁ ଦୀର୍ଘ ୪୦ବର୍ଷ ଧରି ଜାତୀୟ ଓ ଆନ୍ତର୍ଜାତୀକ ସ୍ତରରେ ସକାରାତ୍ମକ ସାମ୍ବାଦିକତା ତଥା ଉଲ୍ଲେଖନୀୟ ସମାଜସେବା ସକାଶେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ୱାର୍ଲଡ ଓଡ଼ିଶା ସୋସାଇଟି, ଭାରତୀୟ ସାମ୍ବାଦିକ ବିକାଶ ପରିଷଦ ଏବଂ ବନ୍ଦେ ଉତ୍କଳ ଫାଉଣ୍ଡେସନ ଆଦି ତିନୋଟି ମହତ୍ୱପୂର୍ଣ୍ଣ ଅନୁଷ୍ଠାନର ଅଧ୍ୟକ୍ଷ ଭାବରେ ଶ୍ରୀ ଦ୍ୱିବେଦୀ ମାତୃଭୂମି ଭାରତବର୍ଷ ଓ ମାତୃ ପ୍ରଦେଶ ଓଡ଼ିଶାର ସର୍ବାଙ୍ଗୀନ କଲ୍ୟାଣ ପାଇଁ କାର୍ଯ୍ୟକରି ଆସୁଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟଯେ ଶ୍ରୀ ଦ୍ୱିବେଦୀଙ୍କୁ ପବ୍ଲିକ ରିଲେସନ କାଉନ୍ସିଲ ଅଫ ଇଣ୍ଡିଆ ତରଫରୁ ୨୦୨୩ ମସିହା ପାଇଁ ଶ୍ରେଷ୍ଠ ସାମ୍ବାଦିକ ଭାବେ ଚୟନ କରାଯାଇ ସମ୍ମାନସ୍ପଦ ଚାଣକ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା ।ଏବେ ଶ୍ରୀ ଦ୍ୱିବେଦୀ ଓମ ମିଡ଼ିଆ ନେଟୱର୍କର ମୁଖ୍ୟ ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଛନ୍ତି । ସମାବେଶରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ବିଜୟିନୀ ଫାଉଣ୍ଡେସନର ଅଧ୍ୟକ୍ଷା ରୀତା ପାତ୍ର, ପ୍ରସିଦ୍ଧ ଗାୟକ ଆଚାର୍ଯ୍ୟ ଅଭିମନ୍ୟୁ, ୱାର୍ଲଡ ଓଡ଼ିଶା ସୋସାଇଟିର ସାଂସ୍କୃତିକ ସାଧାରଣ ସମ୍ପାଦକ କାବେରୀ ବେହେରା ,ଉତ୍କଳ ଭାରତୀର ପରିଚାଳନା ସମ୍ପାଦକ ମଧୁସ୍ମିତା ପଟ୍ଟନାୟକ, ଶିଳ୍ପଦ୍ୟୋଗୀ ଅସୀତ କର, ସମାଜସେବୀ ପ୍ରିୟତ୍ତମଓ କର,ପ୍ରତିଭାବାନ ଛାତ୍ର ଏ.ଆର ଆଦିତ୍ୟ ଓ ମେଧାବୀ ଛାତ୍ରୀ ମିମାଂଶା ପଟ୍ଟନାୟକ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

## ରିଲ୍ସ କରିବା ନିଶା କାଉଡିଆ ନଈକୁ ଡେଇଁଲା ଯୁବକ- ୨୪ ଘଣ୍ଟା ପରେ ମୃତଦେହ ଉଦ୍ଧାର

ପାରାଦୀପ,(ପି.ଏନ): ବୁଧବାର ଦିନ ପୂର୍ବାହ୍ନରେ ପାରାଦୀପ ଅଠରବାଙ୍କୀ ଫ୍ଲାଏ ଓଭର ବ୍ରିଜ୍ ଉପରେ ରିଲ୍ସ କରୁଥିବା ବେଳେ କାଉଡିଆ ନଈରେ ପଡି ଯାଇଥିଲେ ଜନୈକ ଯୁବକ । ବହୁ ଖୋଜାଖୋଜି ପରେ ଗୁରୁବାର ଦିନ ସକାଳେ ଏହି ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଘଟଣାରୁ ପ୍ରକାଶଯେ, ପାରାଦୀପ ଉପକଣ୍ଠ ଅଠରବାଙ୍କି ଅମ୍ବିକା ସ୍କୁଲ ନିକଟସ୍ଥ ଗୋପିନାଥ କଲୋନୀରେ ରହୁଥିବା ଉଲ୍ଲାସ ଲେଙ୍କାଙ୍କ ପୁଅ ତ୍ରିଲୋଚନ ଲେଙ୍କା ବୁଧବାର ଦିନ ପୂର୍ବାହ୍ନରେ ଅଠରବାଙ୍କୀ ଫ୍ଲାଏ ଓଭର ବ୍ରିଜ୍ ଉପରେ ରିଲ୍ସ କରୁଥିଲେ । କୌଣସି କାରଣରୁ ତ୍ରିଲୋଚନ କାଉଡିଆ ନଈରେ ପଡି ନିଖୋଜ ହୋଇଯାଇଥିଲେ ।

# ପାରାଦୀପ ବନ୍ଦରରୁ କୋଇଲା ଚୋରି- ଟ୍ରକ୍ ସମେତ ୫ ଅଭିଯୁକ୍ତ ଗିରଫ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ମଧ୍ୟରୁ କୋଇଲା ଚୋରି ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ୍ ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ କୋଇଲା ବୋଝେଇ ଟ୍ରକ୍ ସମେତ ଦୁଇ ଗୋଟି କାର୍,ମୋବାଇଲ୍ ଓ ଟଙ୍କା ଜବତ କରିଥିବା ନେଇ ଆଦର୍ଶ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି । ପ୍ରେସ୍ ଇସ୍ତାହାରରୁ ମିଳିଥିବା ସୂଚନାନୁଯାୟୀ, ଗତ ୨୯ ତାରିଖ ଦିନ ସାଢେ ଦୁଇଟା ସମୟରେ ଅଭିଯୁକ୍ତ କେନ୍ଦ୍ରାପଡା ଜିଲ୍ଲା ପଟାମୁଣ୍ଡାଇ ସଦର ଥାନା ଅନ୍ତର୍ଗତ ଗଙ୍ଗାରାମପୁର ଗ୍ରାମର ବଟକୃଷ୍ଣ ବେହେରାଙ୍କ ପୁଅ ବରଦା ବେହେରା (୩୨) ଓ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ଜାଭେଦ ଅଖରତଙ୍କ ପୁଅ ଗାଲିଫ ଓରଫ ଗାଲିବ୍ ହାସମି(୩୩) ଓ ଅନ୍ୟ ୩ ଅଭିଯୁକ୍ତ କୋଇଲା ଚୋରି ନିମନ୍ତେ ଯୋଜନା କରୁଥିଲେ । କୌଣସି ସୂତ୍ରରୁ ଖବର ପାଇ ପାରାଦୀପ ଥାନା ଏସଆଇ ରଶ୍ମି ରଂଜନ ସାହୁ ଘଟଣାସ୍ଥଳରେ ପହଂଚି ବରଦା ବେହେରା, ଗାଲିବ୍ ହାସମିଙ୍କ ସମେତ ଝାଡଖଣ୍ଡ ରାଜ୍ୟ ସାହେବଗଂଜ୍ ଜିଲ୍ଲା ବରହରୁଆ ଥାନା ଅଂଚଳର ମିର୍ଜାପୁର ଗ୍ରାମର କାଲୁ ଶେଖଙ୍କ ପୁଅ କମଲ ଶେଖ, ଯାଜପୁର ଜିଲ୍ଲା ବରି ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରାଉତସାହି ଗ୍ରାମର ରବିନ୍ଦ୍ର ପଣ୍ଡାଙ୍କ ପୁଅ ରାକେଶ କୁମାର ପଣ୍ଡା ଓ କଟକ ଜିଲ୍ଲା ଟାଙ୍ଗି ଥାନା ଅନ୍ତର୍ଗତ ବ୍ରହ୍ମଭୋଗ ଗ୍ରାମର ମଧୁସୂଦନ ମହାନ୍ତିଙ୍କ ପୁଅ ସୁଭ୍ରାଂଶୁ ଶେଖର ମହାନ୍ତି ଓରଫ ଗଣେଷ(୪୮)ଙ୍କୁ ପୋଲିସ୍ ଗିରଫ କରିଥିଲା । ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ୍, କୋଇଲା ସହିତ ଓଡି-୦୪-କ୍ୟୁ-୭୩୬୩ ଟ୍ରକ୍, ଓଡି-୦୪-ୟୁ-୨୭୭୭ ନମ୍ବର ବିଶିଷ୍ଟ କ୍ରେଟା କାର, ଓଡି-୦୧-ୟୁ-୬୮୧୭ ନମ୍ବର ବିଶିଷ୍ଟ ଡିଜେୟାର କାର ସମେତ ଲକ୍ଷାଧିକ ଟଙ୍କା ଜବତ ହୋଇଛି । ସମସ୍ତ ଅଭିଯୁକ୍ତଙ୍କୁ ୧୨୨/୨୦୨୪ରେ ମାମଲା ରୁଜୁ କରି କୋର୍ଟ ଚାଲଣ କରାଯାଇଛି । ଏହି ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

# ଅଭିନବ ଢଙ୍ଗରେ ସାଇବର ଠକେଇ ଉଦ୍ୟମ

ଧର୍ମଶାଳା,୩।୫(ପିଏନ୍): ଦେଶ ଓ ରାଜ୍ୟରେ ଏବେ ସାଇବର ଠକେଇ ଦିନକୁ ଦିନ ବଢିବାରେ ଲାଗିଛି । ଯାହାର ଶିକାର ହେଉଛନ୍ତ ନିରିହ ଜନସାଧାରଣ, ସାଇବର କ୍ରାମ କରୁଥିବା ଅପରାଧି ବିଭିନ୍ନ ଉପାୟରେ ନିରିହ ଲୋକମାନଙ୍କ ଠାରୁ ଟଙ୍କା ହଡପ କରି ସର୍ବସ୍ୱାନ୍ତ କରିଦେଉଥିବା ଅନେକ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଉଛି । ତେବେ ଆଜି ଏକ ଅଭିନବ ସାଇବର ଠକେଇ ଶିକାରରୁ ବର୍ତି ଯାଇଛନ୍ତି ଧର୍ମଶାଳା ଥାନା ଦୁବଗାଡିଆ ଅଂଚଳର ଜଣେ ବରିଷ୍ଠ ସାମ୍ବାଦିକ । ସୂଚନା ମୁତାବକ ଧର୍ମଶାଳା ଥାନା ଜାରକା ପଂଚାୟତ ଅନ୍ତର୍ଗତ ଦୁବଗାଡିଆ ମୌଜାରେ ରହୁଥିବା ସାମ୍ବାଦିକ ପ୍ରଶାନ୍ତ ସରଙ୍କ ପାଖକୁ ଶୁକ୍ରବାର ଅପରାହ୍ନ ସାଢେ ଚାରିଟାରେ ୯୨୩୦୪୭୪୭୪୭୭୯ ନମ୍ବରୁ ଏକ ଭିଡିଓ କଲ ଆସିଥିଲା । ଯୋଉଁଥିରେ ପୁଲିସ ଡ୍ରେସ ପିନ୍ଧିଥିବା ଜଣେ ଠକ ନିଜକୁ ପୁଲିସ ଅଧିକାରୀର ପରିଚୟ ଦେଇ ତାଙ୍କ ପୁଅ ଓ ତାର ୩ଜଣ ସାଙ୍ଗ ଜଣେ ଯୁବତୀକୁ ବଳାତ୍କାର କରିଛନ୍ତି ବୋଲି କହିବା ସହିତ ଆପଣ ପୁଅ ସାଙ୍ଗରେ କଥା ହେବେ କି କହିଥିଲା । ଏହି ସମୟରେ ପୁଲିସ ଡ୍ରେସ ପିନ୍ଧା କିଛି ବ୍ୟକ୍ତି ଜଣେ ଯୁବକକୁ ମାରୁଥିଲେ ଏବଂ ସେ କାନ୍ଦୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ପରେ କଲ କରିଥିବା ବ୍ୟକ୍ତି ଜଣକ ପୁଅ କାନ୍ଦୁଛି ସେ କଥା ହୋଇପାରିବ ନାହିଁ ବୋଲି କହିବା ସହ ଆପଣ ୫୦ ହଜାର ଟଙ୍କା ଫୋନପେ କଲେ ଆମେ ତାକୁ ଛାଡି ଦେବୁ ବୋଲି କହିଥିଲା । ସାମ୍ବାଦିକ ଶ୍ରୀ ସର କଟକସ୍ଥିତ ରବିଶଙ୍କର ୟୁନିଭର ସିଟିରେ ପଢୁଥିବା ତାଙ୍କ ପୁଅ ନିକଟକୁ କଲ କରିଥିଲେ ପୁଅ ଫୋନ ଉଠାଇ ସେ ହଷ୍ଟେଲରେ ରହି ଅନଲାଇନରେ କ୍ଲାସ କରୁଛି ବୋଲି କହିଥିଲା । ପରେ ଉକ୍ତ ଅପରାଧି ପୁଣି ଭିଡିଓ କଲ କରି ଟଙ୍କା ଦେବାକୁ କହିବାରୁ ସାମ୍ବାଦିକ ଶ୍ରୀ ସର ତାକୁ ଗାଳିଗୁଲଜ କରିବାରୁ ସେ ଫୋନ କାଟି ଦେଇଥିଲା । ଏହି ଘଟଣା ସମ୍ପର୍କରେ ଶ୍ରୀ ସର ନିଜ ଫେସବୁକ ପେଜରେ ପୋଷ୍ଟ କରିବା ସହିତ ସାମ୍ବାଦିକମାନଙ୍କୁ ଅବଗତ କରିଥିଲେ । ତେବେ ଉପସ୍ଥିତ ବୁଦ୍ଧି ଯୋଗୁଁ ସାମ୍ବାଦିକ ଜଣକ ଆଜି ନିଶ୍ଚିତ ଏକ ସାଇବର ଠକେଇରୁ ବର୍ତି ଯାଇଥିଲେ । ଯାହା ଏବେ ସମଗ୍ର ଜାରକା ଅଂଚଳରେ ଏକ ଚର୍ଚ୍ଚାର ବିଷୟ ହୋଇଛି ।

ଅଭିନବ ଢଙ୍ଗରେ ସାଇବର ଠକେଇ ଉଦ୍ୟମ

ଧର୍ମଶାଳା,୩।୫(ପିଏନ୍): ଦେଶ ଓ ରାଜ୍ୟରେ ଏବେ ସାଇବର ଠକେଇ ଦିନକୁ ଦିନ ବଢିବାରେ ଲାଗିଛି । ଯାହାର ଶିକାର ହେଉଛନ୍ତି ନିରିହ ଜନସାଧାରଣ, ସାଇବର କ୍ରାମ କରୁଥିବା ଅପରାଧି ବିଭିନ୍ନ ଉପାୟରେ ନିରିହ ଲୋକମାନଙ୍କ ଠାରୁ ଟଙ୍କା ହଡପ କରି ସର୍ବସ୍ୱାନ୍ତ କରିଦେଉଥିବା ଅନେକ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଉଛି । ତେବେ ଆଜି ଏକ ଅଭିନବ ସାଇବର ଠକେଇ ଶିକାରରୁ ବର୍ତି ଯାଇଛନ୍ତି ଧର୍ମଶାଳା ଥାନା ଦୁବଗାଡିଆ ଅଂଚଳର ଜଣେ ବରିଷ୍ଠ ସାମ୍ବାଦିକ । ସୂଚନା ମୁତାବକ ଧର୍ମଶାଳା ଥାନା ଜାରକା ପଂଚାୟତ ଅନ୍ତର୍ଗତ ଦୁବଗାଡିଆ ମୌଜାରେ ରହୁଥିବା ସାମ୍ବାଦିକ ପ୍ରଶାନ୍ତ ସରଙ୍କ ପାଖକୁ ଶୁକ୍ରବାର ଅପରାହ୍ନ ସାଢେ ଚାରିଟାରେ ୯୨୩୦୪୭୪୭୪୭୭୯ ନମ୍ବରୁ ଏକ ଭିଡିଓ କଲ ଆସିଥିଲା । ଯୋଉଁଥିରେ ପୁଲିସ ଡ୍ରେସ ପିନ୍ଧିଥିବା ଜଣେ ଠକ ନିଜକୁ ପୁଲିସ ଅଧିକାରୀର ପରିଚୟ ଦେଇ ତାଙ୍କ ପୁଅ ଓ ତାର ୩ଜଣ ସାଙ୍ଗ ଜଣେ ଯୁବତୀକୁ ବଳାତ୍କାର କରିଛନ୍ତି ବୋଲି କହିବା ସହିତ ଆପଣ ପୁଅ ସାଙ୍ଗରେ କଥା ହେବେ କି କହିଥିଲା । ଏହି ସମୟରେ ପୁଲିସ ଡ୍ରେସ ପିନ୍ଧା କିଛି ବ୍ୟକ୍ତି ଜଣେ ଯୁବକକୁ ମାରୁଥିଲେ ଏବଂ ସେ କାନ୍ଦୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ପରେ କଲ କରିଥିବା ବ୍ୟକ୍ତି ଜଣକ ପୁଅ କାନ୍ଦୁଛି ସେ କଥା ହୋଇପାରିବ ନାହିଁ ବୋଲି କହିବା ସହ ଆପଣ ୫୦ ହଜାର ଟଙ୍କା ଫୋନପେ କଲେ ଆମେ ତାକୁ ଛାଡି ଦେବୁ ବୋଲି କହିଥିଲା । ସାମ୍ବାଦିକ ଶ୍ରୀ ସର କଟକସ୍ଥିତ ରବିଶଙ୍କର ୟୁନିଭର ସିଟିରେ ପଢୁଥିବା ତାଙ୍କ ପୁଅ ନିକଟକୁ କଲ କରିଥିଲେ ପୁଅ ଫୋନ ଉଠାଇ ସେ ହଷ୍ଟେଲରେ ରହି ଅନଲାଇନରେ କ୍ଲାସ କରୁଛି ବୋଲି କହିଥିଲା । ପରେ ଉକ୍ତ ଅପରାଧି ପୁଣି ଭିଡିଓ କଲ କରି ଟଙ୍କା ଦେବାକୁ କହିବାରୁ ସାମ୍ବାଦିକ ଶ୍ରୀ ସର ତାକୁ ଗାଳିଗୁଲଜ କରିବାରୁ ସେ ଫୋନ କାଟି ଦେଇଥିଲା । ଏହି ଘଟଣା ସମ୍ପର୍କରେ ଶ୍ରୀ ସର ନିଜ ଫେସବୁକ ପେଜରେ ପୋଷ୍ଟ କରିବା ସହିତ ସାମ୍ବାଦିକମାନଙ୍କୁ ଅବଗତ କରିଥିଲେ । ତେବେ ଉପସ୍ଥିତ ବୁଦ୍ଧି ଯୋଗୁଁ ସାମ୍ବାଦିକ ଜଣକ ଆଜି ନିଶ୍ଚିତ ଏକ ସାଇବର ଠକେଇରୁ ବର୍ତି ଯାଇଥିଲେ । ଯାହା ଏବେ ସମଗ୍ର ଜାରକା ଅଂଚଳରେ ଏକ ଚର୍ଚ୍ଚାର ବିଷୟ ହୋଇଛି ।

# ଧର୍ମଶାଳା ବିଜେଡ଼ିରେ ମିଶ୍ରଣ ପର୍ବ

ଧର୍ମଶାଳା,୩।୫(ପିଏନ୍): ଧର୍ମଶାଳା ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟଧାରା ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସ୍ୱଚ୍ଛ ଶାସନରେ ପ୍ରଭାବିତ ହୋଇ ଅନ୍ୟ ଦଳ ଛାଡି ଅନକେ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଜାରକାସ୍ଥିତ ଧର୍ମଶାଳା ବିଜେଡି କାର୍ଯ୍ୟାଳୟ ପରିସରରେ ଆୟୋଜିତ ମିଶ୍ରଣରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ୧୫ନଂ ଜୋନ ବିଭିନ୍ନ ପଂଚାୟତର ଜଗଦୀଶ ଦାସ, ପିଂଟୁ ରାଉଳ, ମଳୟ ସେଠୀ, ରାହୁଲ ଦାସ, ରୁଷିଆ ମଲିକ, ଆଶିଷ ମଲିକ, ରାଘବ ମଲିକ, ରବି ମଲିକ, କାହ୍ନୁ ସାହୁ, ସୂର୍ଯ୍ୟକାନ୍ତ ମଲିକ, ବଂଟି ମଲିକ, ବିକାଶ ଜେନା, ବିକାଶ ମଲିକ, ରାଜେଶ ମଲିକ ପ୍ରମୁଖ ଅନ୍ୟ ଦଳର କର୍ମୀ ମାନେ ବିଧିବଦ୍ଧ ଭାବେ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ବିଜେଡିରେ ସାମିଲ ହୋଇଥିବା ସମସ୍ତ କର୍ମୀମାନଙ୍କୁ ଅଧ୍ୟକ୍ଷ ଶ୍ରୀ ବଳବନ୍ତରାୟ ଉତରୀୟଦେଇ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡି ସଂଗଠକ ପ୍ରଶନ୍ନ ରାଉତ, ଅମିୟ ପରିଡ଼ା, ସବ୍ୟସାଚୀ ସୁନ୍ଦରାରାୟ ଓ ଛାତ୍ର ଜନତା ଦଳ ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ହାତରେ ଧରାପଡିଲେ ଅତିରିକ୍ତ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟର କିରାଣୀ

କେନ୍ଦ୍ରାପଡ଼ା, ୩।୫: ଏକ ଜମି ପଟ୍ଟାରେ ନାମ ପରିବର୍ତ୍ତନ କରିବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ କେନ୍ଦ୍ରାପଡା ଅତିରିକ୍ତ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣୀ ଜୀତେନ୍ଦ୍ର କୁମାର ସେନାପତିଙ୍କୁ ଗିରଫ କରିଛି ଭିଜିଲାନ୍ସ ବିଭାଗ । ଅଭିଯୋଗ ଅନୁଯାୟୀ ଗାୟତ୍ରୀ ମିଶ୍ର ନାମକ ଜନୈକ ମହିଳା ଡେରାବିଶ ତହସିଲ ଅନ୍ତର୍ଗତ ଗୁଆଳସିଂ ମୌଜାରେ ଏକ ଏ.୦୫ଡେସିମିଲ ପରିମିତ ସ୍ଥିତିବାନ ଜମି ଗତ ୧୯୯୧ମସିହାରେ କ୍ରୟ କରିଥିଲେ । କିନ୍ତୁ କାର୍ଯ୍ୟବ୍ୟସ୍ତତା ହେତୁ ସେହି ଜମିକୁ ନିଜ ନାମରେ ରେକର୍ଡ କରାଇ ପାରିନଥିଲେ । ଗତ ପ୍ରାୟ ଏକବର୍ଷ ହେବ ସେ ତହସିଲ କାର୍ଯ୍ୟାଳୟକୁ ଦୌଡି ଦୌଡି ଅସଫଳ ହେବା ପରେ ଏକ ଆର.ପି. କେଶ ଅତିରିକ୍ତ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟରେ ଦାୟର କରିଥିଲେ । ସେହି କେଶରେ ଅତିରିକ୍ତ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣୀ ଶ୍ରୀ ସେନାପତି ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଗାୟତ୍ରୀ ଏସମ୍ପର୍କରେ କଟକସ୍ଥିତ ଭିଜିଲାନ୍ସ ଏସପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ କଟକ ଭିଜିଲାନ୍ସ କେଶ ନମ୍ବର ୧୦/୨୦୨୪ରେ ଏକ ମାମଲା ରୁଜୁ କରାଯାୟୀ ଆଜି କଟକରୁ ଏକ ଭିଜିଲାନ୍ସ ଟିମ କେନ୍ଦ୍ରାପଡାକୁ ଆସି ଚକବନ୍ଦୀ କାର୍ଯ୍ୟାଳୟ ନିକଟରେ ଲୁଚି ରହିଥିଲେ । ଜୀତେନ୍ଦ୍ର ଗାୟତ୍ରୀଙ୍କ ହାତରୁ ରାସାୟନିକ ଦ୍ରବ୍ୟ ବୋଳା ହୋଇଥିବା ୧୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଜୀତେନ୍ଦ୍ରଙ୍କୁ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଟିମ ଧରି ନେଇଥିଲା । ତାଙ୍କ ହାତ ପାଣିରେ ଧୋଇବା ପରେ ସେଥିରୁ ଲାଲ ରଙ୍ଗର ପାଣି ବାହାରିଥିଲା । ଏଥିସହିତ ୧୦ହଜାର ଲାଞ୍ଚ ଟଙ୍କା ଜୀତେନ୍ଦ୍ରଙ୍କ ଠାରୁ ଜବତ କରାଯିବା ସହ ଭିଜିଲାନ୍ସ ଟିମ ଜୀତେନ୍ଦ୍ରଙ୍କୁ ଗିରଫ କରି କଟକ ଭିଜିଲାନ୍ସ ଏସପିଙ୍କ କାର୍ଯ୍ୟାଳୟକୁ ନେଇଯାଇଥିବା ଜଣାପଡିଛି । ଏଥିସହିତ ରାଜେନ୍ଦ୍ରଙ୍କ ପୈତୃକ ଘର ମାର୍ଶାଘାଇ ଥାନା ଅନ୍ତର୍ଗତ ଖମଗାଁବିନ୍ଧାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ ଜାରିରହିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray